## ଅଲାରନାଥ ମନ୍ଦିରରେ ଦର୍ଶନ ଭିତ୍ତିଭୂମି ଅନୁଧ୍ୟାନ କଲେ କେନ୍ଦ୍ରାଞ୍ଚଳ ଆଇଜି

# ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ

ବ୍ରହ୍ମଗିରି,୧।୬(ସମିସ)



ଦେବସ୍ନାନ ପୂର୍ଣ୍ଣିମା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇଥାଆନ୍ତି। ଏଠାରୁ ଆରମ୍ଭ ହୁଏ ଅନବସର। ଏହି ଅନବସର ସମୟରେ ଅଲାରନାଥ ମନ୍ଦିରକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁବିଧା, ସୁରକ୍ଷା ଏବଂ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସୋମବାର କେନ୍ଦ୍ରାଞ୍ଚଳ ଆଇଜି ଡ. ସତ୍ୟଜିତ୍ ନାୟକ ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ମନ୍ଦିର ପରିଦର୍ଶନ କରିଛନ୍ତି। ପରିଦର୍ଶନ ଅବସରରେ କେନ୍ଦ୍ରାଞ୍ଚଳ ଆଇଜି କହିଛନ୍ତି, ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ପଥ, ଗାଡ଼ି ପାର୍କିଂ ସ୍ଥାନ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗର ସମୀକ୍ଷା କରାଯାଉଛି। ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟଙ୍କ ସହିତ ଆଲୋଚନା କରି ଅନବସର ସମୟରେ ହେଉଥିବା ବ୍ୟାପକ ଭିଡ଼ ଓ ଭକ୍ତମାନଙ୍କ ଆଗମନ ସମ୍ପର୍କରେ ବିସ୍ତୃତ ତଥ୍ୟ ଗ୍ରହଣ କରିଥିଲେ। ଆଲୋଚନାବେଳେ ଭକ୍ତମାନେ କିପରି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ, ଦର୍ଶନ ପାଇଁ ସୁବ୍ୟବସ୍ଥିତ ଧାଡ଼ି ବ୍ୟବସ୍ଥା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା, ଜରୁରୀକାଳୀନ ସେବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି।

ଏହା ସହିତ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ଯାନବାହନ ଚଳାଚଳକୁ ସୁଚାରୁ ରଖିବା ପାଇଁ ଟ୍ରାଫିକ୍ ପରିଚାଳନା, ଅସ୍ଥାୟୀ ପାର୍କିଂ ସ୍ଥାନ ଚିହ୍ନଟ, ଯାନବାହନ ପାଇଁ ବିକଳ୍ପ ରୁଟ୍ ବ୍ୟବସ୍ଥା ଏବଂ ପଥଚାରୀ ଭକ୍ତମାନଙ୍କ ସୁରକ୍ଷା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ମନ୍ଦିରରେ ଚାଲିଥିବା ନୀତିକାନ୍ତି ସମୟରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ଏବଂ ଭକ୍ତମାନେ ସୁଚାରୁ ଭାବେ ଦର୍ଶନ କରିପାରିବେ, ସେଥିପାଇଁ ପୁଲିସ୍, ପ୍ରଶାସନ ଓ ଟ୍ରଷ୍ଟ ବୋର୍ଡ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଭିଡ଼ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଏକ ସମନ୍ୱିତ କାର୍ଯ୍ୟଯୋଜନା ପ୍ରସ୍ତୁତ କରି ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ଆବଶ୍ୟକ ମୁତୟନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ସମୀକ୍ଷାରେ ବ୍ରହ୍ମଗିରି ତହସିଲଦାର ଦେବାଶିଷ ସେଠୀ, ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ ଏବଂ ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆଇଜି ସମସ୍ତଙ୍କ ସହିତ ଆଲୋଚନା କରି ଆଗାମୀ ଅନବସର ଯାତ୍ରା ସମୟରେ ଭକ୍ତମାନଙ୍କୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ସୁଗମ ଦର୍ଶନ ସୁବିଧା ପ୍ରଦାନ କରିବା ଦିଗରେ ସମସ୍ତ ପ୍ରକାର ପ୍ରସ୍ତୁତି ତ୍ୱରାନ୍ୱିତ କରାଯିବ।

## ବହୁ ପ୍ରତୀକ୍ଷାର ଅନ୍ତ; ଅସ୍ତରଙ୍ଗରୁ ପୁରୀ ଗଡ଼ିଲା ଜଗନ୍ନାଥ ବସ୍



ଅସ୍ତରଙ୍ଗ,୧।୬(ସମିସ): ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ବହୁ ଦିନର ଦାବି ଓ ପ୍ରତୀକ୍ଷା ପରେ ସୋମବାରଠୁ ଅସ୍ତରଙ୍ଗରୁ ପୁରୀ ଯାତାୟାତ ପାଇଁ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ତତ୍ତ୍ୱାବଧାନ ଓ ପୁରୀ ଜିଲ୍ଲା ଆଞ୍ଚଳିକ ପରିବହନ, ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲାପାଳଙ୍କ ମିଳିତ ସହାୟତାରେ ୨ଟି ଜଗନ୍ନାଥ ବସ୍ ରୁଟ୍ ନମ୍ବର ୫୭/୧ ଓ ୨ ସୋମବାରଠୁ ଯାତ୍ରୀ ସେବା ଆରମ୍ଭ କରିଛି। ପ୍ରଥମ ବସ୍ ପୁରୀରୁ ସକାଳ ୭ଟା ୩୦ରୁ ବାହାରି ଅସ୍ତରଙ୍ଗରେ ୯ଟା ୩୫ ପହଞ୍ଚିବ ଓ ୯ଟା ୪୫ରୁ ଅସ୍ତରଙ୍ଗରୁ ବାହାରି ୧୧ଟା ୫୦ରେ ପୁରୀରେ ପହଞ୍ଚିବ। ଦ୍ୱିତୀୟ ସିଟିଂରେ ଏହି ବସ୍ ଅପରାହ୍ନ ୧ଟା ୩୫ରୁ ପୁରୀରୁ ବାହାରି ୩ଟା ୪୦ରେ ଅସ୍ତରଙ୍ଗରେ ପହଞ୍ଚିବ, ପୁନର୍ବାର ୩ଟା ୫୦ରୁ ବାହାରି ସନ୍ଧ୍ୟା ୫ଟା ୫୫ରେ ପୁରୀରେ ପହଞ୍ଚିବ। ଏହି ସମୟରେ ୧ ଘଣ୍ଟା ବିଳମ୍ବରେ ଦ୍ୱିତୀୟ ରୁଟ୍ ଯଥା- ୫୭/୨ ବସ୍‌ଟି ଯାତାୟାତ କରିବ। ଅନେକ ଦିନର ଦାବି ପୂରଣ ପରେ ଏହି ଶୀତତାପ ନିୟନ୍ତ୍ରିତ ବ୍ୟାଟେରୀ ବସ୍ ଅସ୍ତରଙ୍ଗରୁ ଶ୍ରୀକ୍ଷେତ୍ରକୁ ସିଧାସଳଖ ଲୋକଙ୍କୁ ସେବା ଯୋଗାଇବ। ସୋମବାର ଜାଗୁଲେଇ ପଡ଼ିଆରେ ଏହି ଜଗନ୍ନାଥ ବସ୍ ସେବାର ଉଦ୍‌ଘାଟନ ହୋଇଛି। ଏହି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ବହୁମୁଖୀ ଚାରିଟେବୁଲ ଟ୍ରଷ୍ଟର ସଭାପତି ସୁଶାନ୍ତ ପରିଡ଼ା, ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ଡିପୋର ପୁରୀ ଜିଲ୍ଲା ପ୍ରକଳ୍ପ ମୁଖ୍ୟ ଉତ୍କଳ ସାମଲ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବହୁମୁଖୀ ଯୁବ ଚାରିଟେବୁଲ ଟ୍ରଷ୍ଟର ଦାବିରେ ଏହି କାର୍ଯ୍ୟ ସମ୍ପାଦନ ହୋଇଛି ବୋଲି ଉପସ୍ଥିତ ଅତିଥିମାନେ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିବା ସହ ରାଜ୍ୟ ସରକାର, ପୁରୀ ଜିଲ୍ଲାପାଳ, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ସସ୍ମିତା ବେହେରା, ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ମିନି ଷ୍ଟାଡିୟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଓ ସ୍ୱଚ୍ଛ ଭାରତ ମିଶନ



ବଳଙ୍ଗା,୧।୬(ସମିସ): ଉତ୍କର୍ଷ ନିମାପଡ଼ା ୨.୦ ଅଧୀନ ସେବା ଦିବସରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ସୋମବାର ବଳଙ୍ଗା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍ ହେଇଥିଲେ। ପ୍ରଥମେ ବଳଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ସ୍ୱଚ୍ଛ ଭାରତ ମିଶନରେ ସାମିଲ୍ ହୋଇ ମେଡିକାଲ ପରିସରରେ ଥିବା ସମସ୍ତ ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। ତେବେ ମେଡିକାଲରେ ଡାକ୍ତର ନ ଥିବାରୁ ଉପସ୍ଥିତ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବାକୁ ଦାବି କରିଥିଲେ। ରଜ ପୂର୍ବରୁ ଡାକ୍ତର ନିଯୁକ୍ତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ପରେ 'ଏକ ପେଡ୍ ମା'କେ ନାମ' ଅଭିଯାନ ପରିପ୍ରେକ୍ଷୀରେ ମେଡିକାଲ ପରିସରରେ ଚାରାରୋପଣ କରିବା ସହ ମେଡିକାଲକୁ ଆସୁଥିବା ରୋଗୀମାନଙ୍କ ପାଇଁ ବଳଙ୍ଗା ଆୟୁଷ୍ମାନ ମନ୍ଦିରଠାରେ ସ୍ୱଚ୍ଛତାର ପ୍ରମୁଖ ଅଂଶସ୍ୱରୂପ ସାନିଟାରୀ ନାପ୍‌କିନ୍ ଭେଣ୍ଡିଂ ମେସିନ ଏବଂ ଇନ୍‌ସିନେଟର ସୁବିଧା ଥିବା ଶୌଚାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ବଳଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ୧୮ ଲକ୍ଷ ଟଙ୍କା ବ୍ୟୟରେ କ୍ରୀଡ଼ା ପରିସର ଓ ଦର୍ଶକ ଗ୍ୟାଲେରୀ ନିର୍ମାଣ ଏବଂ ବିଦ୍ୟାଳୟ ଖେଳ ପଡ଼ିଆର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ଦଳୀୟ କାର୍ଯ୍ୟକର୍ତ୍ତା ଓ ବଳଙ୍ଗା ମଣ୍ଡଳରୁ ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ବଳଙ୍ଗା ଥାନା ଅଧିକାରିଣୀଙ୍କ ସହିତ ପୁଲିସ କର୍ମୀ ଘଟଣାସ୍ଥଳରେ ନିୟୋଜିତ ଥିଲେ।

● ନାବାଳକକୁ ଚାପୁଡ଼ା ମାରିବା ଭିଡିଓ ଭାଇରାଲ ଘଟଣା

## କାକଟପୁର ପୁଲିସ ପକ୍ଷରୁ କୋର୍ଟରେ ପ୍ରସିକ୍ୟୁସନ୍ ରିପୋର୍ଟ ଦାଖଲ



କାକଟପୁର/କୁଣ୍ଢେଇ,୧।୬(ସମିସ): ପ୍ରାୟ ୬ ଦିନ ପୂର୍ବରୁ କାକଟପୁର ନୂତନ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଘଟିଥିବା ଏକ ଘଟଣାର ଭିଡିଓ ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଭିଡିଓରେ ଜଣେ ବ୍ୟକ୍ତି ଜଣେ ନାବାଳକକୁ ଚାପୁଡ଼ା ମାରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ କାକଟପୁର ଥାନା ପକ୍ଷରୁ ତୁରନ୍ତ ଅନୁସନ୍ଧାନ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସନ ଗ୍ରାମର ସନ୍ତୋଷ ଜେନା (୪୬) ନାମକ ଜଣେ ଦୋକାନୀ ଉକ୍ତ ନାବାଳକକୁ ଦୁଇଥର ଚାପୁଡ଼ା ମାରିବା ସହ ଧମକ ଦେଇଥିଲେ। ବାଳକଟି ତାଙ୍କ ଦୋକାନରୁ କିଛି ସାମଗ୍ରୀ ନେବାକୁ ଚେଷ୍ଟା କରୁଥିବାବେଳେ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନାବାଳର ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଘଟଣାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟରେ ପ୍ରସିକ୍ୟୁସନ୍ ରିପୋର୍ଟ ଦାଖଲ କରାଯାଇଛି। ନାବାଳର ପରିଚୟ ଚିହ୍ନଟ କରିବା ଏବଂ ତାଙ୍କ ବାପା-ମାଆ କିମ୍ବା ଅଭିଭାବକଙ୍କ ସହ ଯୋଗାଯୋଗ ସ୍ଥାପନ କରିବା ପାଇଁ ପୁଲିସ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି କାକଟପୁର ଥାନାଧିକାରୀ ବସନ୍ତ ସାହୁ ସୂଚନା ଦେଇଛନ୍ତି। ଏଠାରେ ସୂଚନା ଥାଉକି, କାକଟପୁର ସମେତ ଆଖପାଖ ଅଞ୍ଚଳରେ ବଂଲାଦେଶୀମାନେ ଅଡ୍ଡା ଜମାଉଥିବା ସଙ୍ଗେ ସଙ୍ଗେ ବିଭିନ୍ନ ମଠ, ମନ୍ଦିର, ବସ୍‌ଷ୍ଟାଣ୍ଡ, ବଜାର ଆଦି ଅଞ୍ଚଳରେ ଛୋଟ ଛୋଟ ପିଲାମାନଙ୍କୁ ଧରି ପର୍ଯ୍ୟଟକ, ଶ୍ରଦ୍ଧାଳୁମାନଙ୍କୁ ଟଙ୍କା ମାଗିବା ଏବଂ ବିଭିନ୍ନ ପ୍ରକାର ହଇରାଣ କରିବା ଯୋଗୁଁ ସେମାନଙ୍କ ପ୍ରତି ସ୍ଥାନୀୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦୃଢ଼ ଦାବି ହୋଇଛି।

● କଣାସ ଅଞ୍ଚଳରେ ଥମୁନି ଝାଡ଼ାବାନ୍ତି; ୧୫ ଦିନରେ ୫୦ ଆକ୍ରାନ୍ତ

## ପରୀକ୍ଷା ପାଇଁ ପଠାଗଲା ୩ ପୋଖରୀର ଜଳ

କଣାସ,୧।୬(ସମିସ): କଣାସ ଅଞ୍ଚଳରେ ଝାଡ଼ାବାନ୍ତି ଥମିବାର ନାଁ ଧରୁନି। ଗାଁକୁ ଗାଁ ବ୍ୟାପୁଛି ସଂକ୍ରମଣ। ଦିନକୁ ଦିନ ବଢ଼ିବାରେ ଲାଗିଛି ଆକ୍ରାନ୍ତଙ୍କ ସଂଖ୍ୟା। କଣାସ ବ୍ଲକର୍ ବିଭିନ୍ନ ଗ୍ରାମରେ ଗତ ୧୫ ଦିନ ହେଲା ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇ ଦେଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପ୍ରତିଷେଧମୂଳକ ପଦକ୍ଷେପ ସତ୍ତ୍ୱେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଏହା ମହାମାରୀ ଭଳି ପରିସ୍ଥିତି ସୃଷ୍ଟି କରିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଏପଟେ ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ସେବା ଅଧିକାରୀ(ସିଡିଏମ୍‌ଓ) କହିଛନ୍ତି, ଏହା ଡାଇରିଆ ନୁହେଁ, ଗରମ ଅଧିକ ହେତୁ ପ୍ରାୟ ଏଭଳି ସ୍ଥିତି ସବୁଆଡ଼େ ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟ ବିଭାଗ ଏହାରି ଉପରେ ନଜର ରଖିଛି। ଯୋଉ ଗାଁରେ ଲୋକେ ଆକ୍ରାନ୍ତ ହୋଇଛନ୍ତି ଡାକ୍ତରୀ ଟିମ୍ ପରିଦର୍ଶନ କରିଛନ୍ତି। ସମସ୍ତଙ୍କୁ ଔଷଧ ସହିତ ଓଆର୍‌ଏସ୍ ଯୋଗାଇ ଦିଆଯାଉଛି ଏବଂ ସଚେତନ କରାଯାଉଛି। ଏଥିସହ ୩ଟି ଗାଁର ୩ଟି ପୋଖରୀର ଜଳ ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଛି। ଏହାରି ଭିତରେ କିନ୍ତୁ କଣାସ, ଗାଡ଼ିଶାଗୋଡା ଅଞ୍ଚଳର ପ୍ରାୟ ୫୦ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇ ଘରକୁ ଫେରିସାରିଲେଣି। କଣାସର ସିରେଇ, ବଢ଼ଓର, ଧାନକେରା, ଖଣ୍ଡହୋତା, ଗଡ଼ମାଟିପାଦ, ମୂଳବସନ୍ତ, ରାଣୀପଡ଼ା, ନୂଆଗାଁ, କତପଡ଼ା ଆଦି ଏହିସବୁ ଗାଁର ଲୋକେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

## ପ୍ରଧାନଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପିପିଲି,୧।୬(ସମିସ): ପିପିଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଶଶିଭୂଷଣ ଦାଶ ରବିବାର ତାଙ୍କ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେ ଦୀର୍ଘ ୨୮ ବର୍ଷ ଧରି ଶିଶୁ ମନ୍ଦିର ଯୋଜନାରେ କାର୍ଯ୍ୟରତ ଥିଲେ। ତନ୍ମଧ୍ୟରୁ ୨୦୧୮ରୁ ୨୦୨୬ ପର୍ଯ୍ୟନ୍ତ ୮ ବର୍ଷ ପ୍ରଧାନଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ଧର୍ମବିହାର (ଭୁବନେଶ୍ୱର), ଜଗତସିଂହପୁର ଓ ଶେଷରେ ଦୁଇବର୍ଷ ପିପିଲିରେ କାର୍ଯ୍ୟରତ ଥିଲେ। ତାଙ୍କର ସେବା ନିବୃତ୍ତ ଅବସରରେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ପୂର୍ବ ସମ୍ଭାଗର ସଂଯୋଜକ ଶିରିଶ କୁମାର ହାତୀ, ପ୍ରାନ୍ତୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପୁରୀ ଜିଲ୍ଲା ପ୍ରମୁଖ ସୁଦର୍ଶନ ମିଶ୍ର, ସହ ଜିଲ୍ଲା ପ୍ରମୁଖ ଦୀନବନ୍ଧୁ ତ୍ରିପାଠୀ, ପିପିଲି ସଂକୁଳ ପ୍ରମୁଖ ରବିନାରାୟଣ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଦାଶ, ବିଶିଷ୍ଟ ବ୍ୟବସାୟୀ ସୁରେନ୍ଦ୍ର ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିକ୍ରମ କେଶରୀ ସିଂହ, ଉପସଭାପତି ଅର୍ଚ୍ଚନା ସାହୁ, ସମ୍ପାଦକ ରମାକାନ୍ତ ସାହୁ, ଯୁଗ୍ମ ସମ୍ପାଦକ ରମାକାନ୍ତ ନାୟକ, କୋଷାଧକ୍ଷ ରାକେଶ ମହାପାତ୍ର, ପିପିଲି ସଂକୁଳର ସମସ୍ତ ପ୍ରଧାନଆଚାର୍ଯ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏନ୍‌ସିସି ଗୁରୁମା' ବିଜୟଲକ୍ଷ୍ମୀ ପଣ୍ଡା ମଞ୍ଚ ପରିଚାଳନା କରିବା ସହିତ ବରିଷ୍ଠ ଆଚାର୍ଯ୍ୟା ସରୋଜିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ କାଶୀନାଥ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ସ୍କାଉଟ୍ସ, ଗାଇଡ୍ସ ଓ ଏନ୍‌ସିସି ବିଭାଗ ତରଫରୁ ସ୍ୱାଧୀନ ମହାନ୍ତି, ବିଦ୍ୟୁଲତା ପ୍ରଧାନ ଓ ଜ୍ୟୋତ୍ସ୍ନାରାଣୀ ମିଶ୍ର ସମସ୍ତ ଅତିଥିଙ୍କୁ ମାର୍ଚ୍ଚପାଷ୍ଟରେ ସଭାସ୍ଥଳକୁ ଆଣିଥିଲେ।

## ଜିଲ୍ଲା ପରିଷଦ ସଭ୍ୟାଙ୍କ ସ୍ୱାମୀଙ୍କ ଦେହାନ୍ତ



ଚାରିଛକ,୧।୬(ସମିସ): ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୮ ନଂ ଜୋନ୍‌ର ବିଜେଡି ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲଙ୍କ ସ୍ୱାମୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ସାମଲ (୮୧)ଙ୍କ ସୋମବାର ହୃଦ୍‌ଘାତରେ ଦେହାନ୍ତ ଘଟିଛି। ଶ୍ରୀ ସାମଲ ଜଣେ ଆଦର୍ଶ ଶିକ୍ଷକଭାବେ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ଦୁଇ ଝିଅଙ୍କ ସମେତ ବନ୍ଧୁବାନ୍ଧବ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ଶୁଣି ନିମାପଡ଼ାସ୍ଥିତ ତାଙ୍କ ବାସଭବନରେ ବହୁ ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ସକାଳୁ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ଝିଅ ମୁଖାଗ୍ନି ଦେଇଥିଲେ।

● 'ମୋ ବସ୍' କର୍ମଚାରୀଙ୍କ ଉପରେ ଜୁଲମ୍

## କଣାସ ବ୍ଲକ୍‌ରେ ବସ୍ ଚଳାଚଳ ବନ୍ଦ



କଣାସ,୧।୬(ସମିସ): ରାଜ୍ୟ ସରକାର ଜନସାଧାରଣଙ୍କ ସୁବିଧାରେ ଯାତାୟାତ ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ 'ମୋ ବସ୍' ପ୍ରଚଳନ କରୁଛନ୍ତି ଏବଂ ବ୍ଲକ୍‌ର 'ମୋ ବସ୍' ଚଳାଚଳ ପାଇଁ ବିଭିନ୍ନ ଏଜେନ୍ସିକୁ ଦାୟିତ୍ୱ ଦେଇଛନ୍ତି। ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ୮ଟି 'ମୋ ବସ୍' ବ୍ଲକ୍‌ର ବିଭିନ୍ନ ସ୍ଥାନକୁ ଯାତାୟାତ କରିବା ସହିତ ଜିଲ୍ଲା ସଦର ମହକୁମାକୁ ଯାତାୟାତ କରୁଛି। ଡ୍ରାଇଭର ଓ କର୍ମଚାରୀଙ୍କୁ ଠିକ୍ ସମୟରେ ପ୍ରାପ୍ୟ ଦିଆଯାଉ ନ ଥିବା ଓ ୫ ମିନିଟ୍ ବିଳମ୍ବରେ ପହଞ୍ଚିଲେ ଦରମା ପ୍ରାପ୍ୟ କାଟି ଦିଆଯାଉଥିବା ଅଭିଯୋଗ ହୋଇଛି। କଣାସ ବ୍ଲକ୍‌ରେ ଯାତାୟାତ କରୁଥିବା 'ମୋ ବସ୍' ରାସ୍ତାଗୁଡ଼ିକ ଅଣଓସାରିଆ ହୋଇଥିବାରୁ ଯଦି କୌଣସିଠାରେ ଘଷି ହୋଇ ଦାଗ ହୋଇଗଲା ଡ୍ରାଇଭରଙ୍କର ଦରମା କଟାଯିବା, ସମୟସୀମାଠାରୁ ଅଧିକ ଖଟୁଥିଲେ ମଧ୍ୟ ଅଧିକ ପ୍ରାପ୍ୟ ଦିଆଯାଉ ନ ଥିବାରୁ ଡ୍ରାଇଭର ଓ କର୍ମଚାରୀମାନେ ପ୍ରତିବାଦ କଲେ ଠିକା ନେଇଥିବା ଏଜେନ୍ସିର କର୍ମକର୍ତ୍ତାମାନେ ବିଭିନ୍ନ ଧମକଚମକ ଦେବା ସହ କାର୍ଯ୍ୟରୁ ବାହାର କରିଦେବା ପାଇଁ ବାରମ୍ବାର ଧମକ ଦେଉଛନ୍ତି। ତେଣୁ ସୋମବାର 'ମୋ ବସ୍' କର୍ମଚାରୀ ବସ୍‌ଗୁଡ଼ିକୁ ପଞ୍ଚାୟତ ସମିତ କାର୍ଯ୍ୟାଳୟ ସମ୍ମୁଖରେ ରଖିଦେଇ ଚଳାଚଳ ବନ୍ଦ କରିଦେଇଛନ୍ତି। ଯାହାଫଳରେ ବିଭିନ୍ନ ପଞ୍ଚାୟତରୁ କଣାସ ଡାକ୍ତରଖାନାକୁ ଆସୁଥିବା ରୋଗୀ, ବ୍ଲକ୍, ତହସିଲ୍ ଅଫିସ, ସବ୍‌ରେଜିଷ୍ଟ୍ରି ଅଫିସ, ବିଭିନ୍ନ ବ୍ୟାଙ୍କ, କୃଷି କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ସମାଧାନ ପାଇଁ କଣାସ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ସୁନା ଅଳଙ୍କାର ସମେତ ୪ ଲକ୍ଷ ଟଙ୍କା ଚୋରି; ଥାନାରେ ଅଭିଯୋଗ

ଡେଲାଙ୍ଗ,୧।୬(ସମିସ): ଡେଲାଙ୍ଗ ଥାନା ଅଧୀନରେ ଏବେ ଦିନକୁ ଦିନ ଚୋରି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଚୋରମାନେ ପୁଲିସକୁ ଭୟ ନ କରି ଗୋଟେ ପରେ ଗୋଟେ ଚୋରି କରି ସଫଳ ହେଉଛନ୍ତି। ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଧୀନସ୍ଥ ଯମୁନା ଗ୍ରାମରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଯମୁନା ଗ୍ରାମର ତାରାକାନ୍ତ ରାଉତରାୟଙ୍କ ଅଭିଯୋଗ ମୁତାବକ, ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ତାରାକାନ୍ତଙ୍କ ବାରିପଟ ଝରକା ଭାଙ୍ଗି ଘରେ ପଶି ଆଲମିରାରେ ଥିବା ସୁନାଚେନ୍ ୨ଟି, ସୁନା ବ୍ରେସ୍‌ଲେଟ୍ ୧ଟା, ସୁନାମୁଦି ୩ଟା ସମେତ ଅନ୍ୟାନ୍ୟ ଛୋଟ ସୁନା ଅଳଙ୍କାରକୁ ମିଶାଇ ମୋଟ୍ ୮ ଭରି ଓଜନର ସୁନା ଓ ୪ଲକ୍ଷ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ତାରାକାନ୍ତ ସକାଳୁ ଉଠି ଦେଖିବା ବେଳକୁ ଘର ବାରିପଟ ଝରକା ଓ କବାଟ ଭଙ୍ଗାଯାଇଛି। ଘରେ ଥିବା ଆଲମାରୀ ଭଙ୍ଗାଯାଇ ଭିତରୁ ସୁନା ଅଳଙ୍କାର ସମେତ ଟଙ୍କା ସବୁ ଚୋରି ହେଉଛି। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚାଲିଥିବା ନେଇ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନୟାହାଟ,୧।୬(ସମିସ): ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ମହାନ୍ତି ଓ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ମିଶ୍ରଙ୍କ ଚାକିରି ମେ' ୩୧ ତାରିଖରେ ଶେଷ ହେବା ପରେ ତାଙ୍କୁ ବିଦ୍ୟାଳୟ ତରଫରୁ ଶିକ୍ଷକଶିକ୍ଷୟିତ୍ରୀମାନେ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟର ଶ୍ରୀକାନ୍ତ ସେନାପତି, ମନୋରଞ୍ଜନ ନାୟକ, ରାଜଲକ୍ଷ୍ମୀ ଦାସ, ସସ୍ମିତା ରଥ, ମାନସ କୁମାର ପାତ୍ର ପ୍ରମୁଖ ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସମୟରେ କହିଥିଲେ ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟ ଦୁଇଟି ଭଲ ଶିକ୍ଷକ ହରାଇଲା। ସେ ଦୁହେଁ ପିଲାମାନଙ୍କୁ ସବୁବେଳେ ଭଲ ବାଟରେ ଯିବା ପାଇଁ ପ୍ରେରଣା ଦେଉଥିଲେ।

## ଓସିଏସ୍ ପରୀକ୍ଷାରେ କୃତୀ ଶୁଭଲକ୍ଷ୍ମୀଙ୍କୁ ସମ୍ବର୍ଦ୍ଧନା



ନିମାପଡ଼ା,୧।୬(ସମିସ): ଚଳିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ ୩୪ ନମ୍ବର ର୍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଥିବା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତଗଡ଼ ଇଟାପୋଖରୀ ଗ୍ରାମର ସର୍ବେଶ୍ୱର ପାତ୍ରଙ୍କ ଝିଅ ଶୁଭଲକ୍ଷ୍ମୀ ପାତ୍ରଙ୍କୁ ସୋମବାର ଗ୍ରାମର ଲୋକମାନେ ସମ୍ବର୍ଦ୍ଧିତ କରିଛନ୍ତି। ସନ୍ଧ୍ୟାରେ ଗୋପବନ୍ଧୁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସଭାପତି ଅର୍ଜୁନ ପାତ୍ରଙ୍କ ଦ୍ୱାରା ଆୟୋଜିତ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଆଇନଜୀବୀ ପ୍ରବୋଧ ପରିଡ଼ା ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ସମିତିସଭ୍ୟା ସସ୍ମିତା ପାତ୍ର, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ଶିକ୍ଷାବିତ୍ ବସନ୍ତ ପାତ୍ର, ଜୟୀରାମ ପାତ୍ର, ଅନ୍ତର୍ଯ୍ୟାମୀ ସେନାପତି, ସର୍ବେଶ୍ୱର ପାତ୍ର, ବାବୁରାମ ପାତ୍ର, ସତ୍ୟନାରାୟଣ ପାତ୍ର, ସୁକାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ପ୍ରାଣୀଧନ ଚିକିତ୍ସକ ଡା. ରବୀନ୍ଦ୍ର ନାଥ ମହାପାତ୍ର ତାଙ୍କ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟ ବିଜୟପାତ୍ର ପରିଚାଳନା କରିଥିବାବେଳେ ସମ୍ପାଦକ ସୁବାସ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୪ରେ କୋଣାର୍କ ରଜ ଉତ୍ସବ

# ୪ ଦିନ ଜନଗହଳିରେ କମ୍ପିବ ଭଗବତୀଙ୍କ ପୀଠ

କୋଣାର୍କ,୧।୬(ସମିସ)



ଆସନ୍ତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଅର୍କକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ୨୭ତମ କୋଣାର୍କ ରଜ ଉତ୍ସବ ଅନୁଷ୍ଠିତ ହେବ। ଆୟୋଜକ ଅନୁଷ୍ଠାନ ଅର୍କଶ୍ରୀ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଜାରି ରହିଛି। ୨୦୦୦ ମସିହାରୁ ଆୟୋଜିତ ହୋଇଆସୁଥିବା ଏହି ଗଣପର୍ବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶହଶହ ମହିଳା, ଯୁବତୀ ଓ କିଶୋରୀଙ୍କ ସମେତ ବିଦେଶୀ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଯୁବତୀ, ମହିଳା ଓ କିଶୋରୀମାନଙ୍କ ମଧ୍ୟରେ ରଜ ଗୀତ, ରଜ ସଜବାଜ, ପାନଭଙ୍ଗା, ମୁଢ଼ି ଓ ପୋଡ଼ପିଠା ପ୍ରସ୍ତୁତି, ହୁଳହୁଳି, କାନ୍ଦଣା, ଝୋଟି, ପୁଚି, ତାସ, ଲୁଡୁ, ଶଙ୍ଖଫୁଙ୍କା ଏବଂ ପୁରୁଷମାନଙ୍କ ମଧ୍ୟରେ ନଡ଼ିଆ ଲଢ଼େଇ ଓ ଡୁଡୁ ଖେଳ ଆଦି ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ପ୍ରତିଭା ପ୍ରଦର୍ଶନ କରୁଥିବା କୃତୀ ପ୍ରତିଯୋଗୀମାନଙ୍କୁ ରଜ ଉତ୍ସବର ସୁଶୋଭିତ ମଞ୍ଚରେ ଅର୍କଶ୍ରୀ ପକ୍ଷରୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ମା' ଭଗବତୀଙ୍କ ପୀଠରେ ଥିବା ବିଶାଳ ବଟବୃକ୍ଷ ଡାଳରେ ଲାଗିଥିବା ଏକାଧିକ ଦୋଳିରେ ପର୍ଯ୍ୟଟକମାନେ ଝୁଲିବା ସହିତ ପୋଡ଼ପିଠା, ମୁଢ଼ି ଓ ସୁସ୍ୱାଦୁ ପାନର ମଜା ନେଇଥା'ନ୍ତି। ଉତ୍ସବସ୍ଥଳରେ ଏକ ସୁଶୋଭିତ ମଞ୍ଚରେ ପୂର୍ବାହ୍ଣ ଓ ଅପରାହ୍ଣରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥାଏ। ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳ କୋଣାର୍କରେ ଦୀର୍ଘ ୨୬ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ରଜ ଉତ୍ସବର ପାରମ୍ପରିକ ପ୍ରତିଯୋଗିତା ଆୟୋଜନ ଓ ଓଡ଼ିଆ ପର୍ବପର୍ବାଣିର ପ୍ରଚାରପ୍ରସାର କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସମ୍ପ୍ରତି ଏହି ଲୋକପ୍ରିୟ ଉତ୍ସବର ଆୟୋଜନ ନିମନ୍ତେ ଅର୍ଥାଭାବ ପ୍ରତିବନ୍ଧକ ସାଜିଥିବା ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଉତ୍ସବର ଆୟୋଜନ ନିମନ୍ତେ କୌଣସି ସରକାରୀ ସହାୟତା ମିଳିପାରି ନାହିଁ। ଆର୍ଥିକ ସହାୟତା ଯୋଗାଇଦେବାକୁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଅର୍କଶ୍ରୀ ଶିଳ୍ପୀ ବାଟିକା ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସମାଜସେବୀ ଉମେଶ ସ୍ୱାଇଁ, ଗୁରୁ ଜୟକୃଷ୍ଣ ନାୟକ, ପୁରୀ ଜିଲ୍ଲା ଜଗନ୍ନାଥ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷି ପୃଷ୍ଟି, ଗୋପ ବ୍ଲକ୍ ମହିଳା ମହାସଂଘ ସମ୍ପାଦିକା ରେଣୁବାଳା ନାୟକ, ସ୍ନେହଲତା ପାତ୍ର, ମଞ୍ଜୁ ସ୍ୱାଇଁ, ଶିକ୍ଷାବିତ୍ କାମଦେବ ବିଶ୍ୱାଳ, ଶିକ୍ଷକ ପ୍ରତାପ ରାଉତ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସମାଜସେବୀ ପ୍ରସନ୍ନ ବଳ, ଯୋଗାଚାର୍ଯ୍ୟ ବାମଦେବ ଆଲୁକ, ସାମ୍ବାଦିକ ସନ୍ତୋଷ ଗୋଛାୟତ, ସୁଦର୍ଶନ ମଲ୍ଲିକ, ଭରତ ହାତୀ, ବିଭୂତି ବିଶ୍ୱାଳ, ଉମା ଗୋଛାୟତ, ସୁଷମା ପ୍ରଧାନ, ମମତା ମଲ୍ଲ ଓ ରାନୁ ରାଓ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଉତ୍ସବ ନିମନ୍ତେ ମିଳିପାରୁନି ସରକାରୀ ସହାୟତା**

୧/୬/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୭୧,୫୨୨/- ସୁନା:୦୦.୫୦୦ ଗ୍ରାମ୍ ରୁପା: ୩୩.୫୦୦ ଗ୍ରାମ୍



କର୍ପୋରେସନ୍‌ରେ ମିଶିଲା; ବିକାଶ ପହଞ୍ଚିଲାନି

# ଷ୍ଟ୍ରିଟ୍‌ଲାଇଟ୍ ନାହିଁ; ସଞ୍ଜ ନଇଁଲେ ଭୟ ଗୋଡ଼ାଉଛି

ପୁରୀ,୧।୬(ସମିସ)



ନୂଆ ପରିଚୟ ସହ ପୁରୀ ପୌରସଂସ୍ଥା ଏବେ ମହାନଗର ନିଗମର ମାନ୍ୟତା ପାଇଛି। ଶ୍ରୀକ୍ଷେତ୍ରର କଳେବର ବଢ଼ିଛି। ପୌରପାଳିକାର ୩୨ଟି ୱାର୍ଡ ସହିତ ସଦର ଉପକଣ୍ଠର ୯ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗ୍ରାମକୁ ମିଶାଇ ୩୯ଟି ୱାର୍ଡ ଗଠନ ହୋଇଛି। ନୂତନ ଭାବେ ଯେଉଁ ଅଞ୍ଚଳ ମହାନଗର ନିଗମରେ ମିଶିଛି ସେଠାରେ ମୌଳିକ ସୁବିଧା ପହଞ୍ଚିପାରି ନାହିଁ। ଉତ୍ତରକଣା, ହରେକୃଷ୍ଣପୁର, ସମଙ୍ଗ, ବାଲୁଖଣ୍ଡ, କାଶିହରିପୁର, ସମଙ୍ଗରା ଆଦି ଅଞ୍ଚଳରେ ପାନୀୟ ଜଳ, ରାସ୍ତା, ଷ୍ଟ୍ରିଟ୍‌ଲାଇଟ୍ ଓ ଡ୍ରେନେଜ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ତେବେ ଡ୍ରେନେଜ୍ ଏବଂ ରାସ୍ତା କାମ ବିଳମ୍ବ ହୋଇପାରେ। କିନ୍ତୁ ପାନୀୟ ଜଳ ଏବଂ ଷ୍ଟ୍ରିଟ୍‌ଲାଇଟ୍ ପାଇଁ ଉଦ୍ୟମ ହେଲେ ଏହା କମ୍ ସମୟରେ ଲୋକଙ୍କୁ ସେବା ଦେଇପାରିବ। ଷ୍ଟ୍ରିଟ୍‌ଲାଇଟ୍ ନ ଥିବାରୁ ସଞ୍ଜ ନଇଁଲେ ବିଭିନ୍ନ ଜାଗାରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ହୁଳହୁଳିଆ ପୋଲ ନିକଟରୁ ପୁଲିସ ବିଭିନ୍ନ ସମୟରେ ଅପରାଧୀଙ୍କୁ କାବୁ କରିବା ଏପରି କି ବ୍ରାଉନ୍‌ସୁଗର ବିକ୍ରି ଡିଲ୍ ବେଳେ ବି ପୁଲିସ ସେଠାରୁ ଅଭିଯୁକ୍ତଙ୍କୁ କାବୁ କରିଛି। କେବଳ ଏହି ଗୋଟିଏ ନୁହେଁ ଏକାଧିକ ଜାଗାରେ ଷ୍ଟ୍ରିଟ୍‌ଲାଇଟ୍ ନ ଥିବାରୁ ସଞ୍ଜ ନଇଁଲେ ସ୍ଥାନୀୟ ଲୋକେ ଯଦି କୌଣସି କାମରେ ଘରୁ ବାହାରୁଛନ୍ତି ତାଙ୍କୁ ଭୟ ଗୋଡ଼ାଉଛି।

ପୁରୀ ଆଉ ପୌରପାଳିକା ନୁହେଁ, ଏବେ ମହାନଗର। ସମାନ ଭାବେ ଲୋକେ ବି ନିଜକୁ ମହାନଗର ନିଗମର ବାସିନ୍ଦା ଭାବି ଆଉଟିକେ ସ୍ମାର୍ଟ ଅନୁଭବ କରିବା ସ୍ୱାଭାବିକ। ହେଲେ ନୂଆକରି କର୍ପୋରେସନରେ ସାମିଲ୍ ଅନେକ ଅଞ୍ଚଳବାସୀ ସେମିତି କିଛି ଫରକ୍ ଅନୁଭବ କରିପାରୁ ନାହାନ୍ତି। ପୂର୍ବପରି ଏବେ ବି ସେମାନଙ୍କ ପାଖରେ ବିକାଶ ଅପହଞ୍ଚ। ଅନେକ ସ୍ଥାନରେ ରାସ୍ତା ଭାଙ୍ଗିରୁଜି ଯାଇଥିବାବେଳେ ଧୂଳିଧୂସରିତ ପରିବେଶ ଲୋକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଛି। ଏକାଧିକ ଅଞ୍ଚଳକୁ ଡ୍ରେନ୍ ସଂଯୋଗ ନାହିଁ। ସେହିପରି ଅନେକ ଜାଗାରେ ଡ୍ରେନ୍ ଉପରେ କଭର ନ ଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଛି। ରାତିରେ ଅନେକ ସ୍ଥାନ ଅନ୍ଧାରରେ ରହୁଥିବାରୁ ସୁରକ୍ଷାକୁ ନେଇ ମଧ ଚିନ୍ତା ପ୍ରକାଶ ପାଉଛି।

ବଡ଼ କଥା ହେଉଛି ଷ୍ଟ୍ରିଟ୍‌ଲାଇଟ୍ ନ ଥିବାରୁ ସଞ୍ଜ ହେଲେ ଅଞ୍ଚଳର ରାସ୍ତାଘାଟ ଅନ୍ଧାରରେ ବୁଡ଼ିଯାଉଛି। ଏହାର ସୁଯୋଗ ନେଇ ଅପରାଧୀମାନେ ମାତୁଛନ୍ତି। ଚୋରି, ଲୁଟ୍‌ପାଟ୍ ଓ ମହିଳାଙ୍କୁ ଅସଦାଚରଣ ଘଟଣା ବଢୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିକଟରେ ହୁଳହୁଳିଆ ପୋଲ ନିକଟରୁ ପୁଲିସ ବାରମ୍ବାର ଅପରାଧୀଙ୍କୁ କାବୁ କରିଛି। କେତେବେଳେ ଅନ୍ଧାରର ସୁଯୋଗ ନେଇ ସେଠାରେ ବ୍ରାଉନ୍‌ସୁଗର ବିକ୍ରିର ଡିଲ୍ ହୋଇଛି ତ ପୁଣି କେତେବେଳେ ଡକାୟତି ପୋଇଁ ସେଠାରେ ବସି ଯୋଜନା କରୁଥିବାବେଳେ ପୁଲିସ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ହୁଳହୁଳିଆ ପୋଲ ଅଞ୍ଚଳରେ ଜଣେ ବାସିନ୍ଦା କହିଛନ୍ତି, କର୍ପୋରେସନରେ ସାମିଲ୍ ହେଲେ ଗ୍ରାମାଞ୍ଚଳର ଚିତ୍ର ବଦଳିବ, ସହର ଭଳି ସୁବିଧା ମିଳିବ ବୋଲି ଆଶା ରହିଥିଲା। ହେଲେ ବର୍ତ୍ତମାନର ସ୍ଥିତି ସେହି ଆଶାକୁ ନିରାଶାରେ ପରିଣତ କରିଛି। ଷ୍ଟ୍ରିଟ୍‌ଲାଇଟ୍ ନାହିଁ। ସଞ୍ଜ ହେଲେ ଅସାମାଜିକ ଯୁବକ ଜମୁଛନ୍ତି। ପୁଲିସ କେବେ କେମିତି ଆସି ଅଭିଯୁକ୍ତଙ୍କୁ ଧରୁଛି, କିନ୍ତୁ ଅନେକ ପୁଲିସ ଗାଡ଼ିକୁ ଦେଖି ପଳାଇ ଯାଉଛନ୍ତି। ହେଲେ ସମସ୍ୟାର ମୂଳ କାରଣ ତ ଅନ୍ଧାର।

କର୍ପୋରେସନରେ ମିଶିବା ପରେ ଆମେ ସହରିଆ ହେବୁ ବୋଲି ଆଶା କରିଥିଲୁ। ହେଲେ ଏବେ ଲାଗୁଛି ଗାଁ ଅପେକ୍ଷା ଖରାପ ଅବସ୍ଥାରେ ଅଛୁ। କେବଳ ନୂଆକରି କର୍ପୋରେସନରେ ମିଶିଥିବା ଅଞ୍ଚଳ ନୁହେଁ, ପୂର୍ବରୁ ପୌରପାଳିକାରେ ଥିବା ବିଭିନ୍ନ ଅଞ୍ଚଳରେ ବି ମୌଳିକ ସୁବିଧା ପହଞ୍ଚିପାରି ନାହିଁ। ପୁରୀର ଅନ୍ୟତମ ଆକର୍ଷଣ ଶ୍ରୀସେତୁ ରାସ୍ତା ବି ଅନ୍ଧାର। ଏହି ରାସ୍ତାରେ ବି ପୂର୍ବରୁ ଅପରାଧିକ ଘଟଣା ଘଟିଛି। ତେଣୁ ଏହିସବୁ ମୌଳିକ ସମସ୍ୟା ଯେଉଁସବୁ ଅଞ୍ଚଳରେ ରହିଛି ତାହାର କ୍ଷେତ୍ର ପରିଦର୍ଶନ କରି ସମାଧାନ କରିବାକୁ ଦାବି କରିଛନ୍ତି ବୁଦ୍ଧିଜୀବୀ।

## ରଥଖଳାରୁ...

# ଚକ ଥାକ ସହ ଦିଗ ନିର୍ଣ୍ଣୟ ଶେଷ

ପୁରୀ,୧।୬(ସମିସ): ରଥଖଳା ଏବେ ଚଳଚଞ୍ଚଳ। ଚାଲିଛି ତିନିରଥ ନିର୍ମାଣ। ମହାପ୍ରଭୁଙ୍କ ପ୍ରତି ସମର୍ପଣ ମନୋଭାବ ରଖି କାମ କରୁଛନ୍ତି ରଥ ନିର୍ମାଣକାରୀ ସେବକ। ବିଧି ମୁତାବକ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସୋମବାର ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ଚକ ଥାକ ସହ ଦିଗ ନିର୍ଣ୍ଣୟ କାର୍ଯ୍ୟ ଶେଷ ହୋଇଛି। ରଥଯାତ୍ରା ପୂର୍ବଦିନ ତିନିରଥ ବିନା ବାଧାରେ ଯେପରି ନିଜ ନିଜ ସ୍ଥାନରେ ସିଂହଦ୍ୱାରଠାରେ ପହଞ୍ଚିପାରିବେ ସେଥିଲାଗି ଦିଗ ନିର୍ଣ୍ଣୟ କରାଯାଇ ଚକଅଖଗୁଡ଼ିକୁ ଖଞ୍ଜାଯାଇଛି। ଏଥିସହ ରଥ ନିର୍ମାଣ ସମୟରେ ଚକଗୁଡ଼ିକ ନିଜ ସ୍ଥାନରୁ



ଗଡ଼ି ନ ଯିବା ପାଇଁ ପ୍ରତ୍ୟେକ ଚକର ଉଭୟ ପାର୍ଶ୍ୱରେ ଆମ୍ବ ଗଡ଼ ବାନ୍ଧି ଦିଆଯିବା ସହ ରଥ ଉପର ନିର୍ମାଣ କାର୍ଯ୍ୟ ହେଲେ ଅଖ ଉପରେ ଯେପରି ଅଧିକ ଚାପ ନ ପଡ଼ିବ ସେଥିଲାଗି ଅଖ ତଳେ ଆମ୍ବ ଗଡ଼ ବା ମେଣ୍ଢୀ ଖଣ୍ଟ ଲଗାଯାଇଛି। ଏଥିସହ ମହାରଣା ସେବକମାନେ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ୧୨ଟି ଲେଖାଏଁ ଏବଂ ଦର୍ପଦଳନ ରଥର ୮ଟି ଗୟଳ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ରୂପକାର ସେବକମାନେ ବେଦୀ ସିଂହାସନ ମୁହାଁଟିରେ କୁମ୍ଭ କଳସ ସହ ମତ୍ସ୍ୟ, ଡାଳିଲତା ଖୋଦେଇ କାର୍ଯ୍ୟ କରୁଛନ୍ତି। ତିନିରଥର ୮ଟି ଲେଖାଏଁ ଦୁଆର ବନ୍ଧ ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଦଣ୍ଡାକଣ୍ଟା ପରେ ତିନିରଥର ପୋଟଳ ବାଗିଆ କଣ୍ଟା ଏବଂ ବେଦୀ ସିଂହାସନ ଚାରିପାର୍ଶ୍ୱରେ ବଟମ ପଡ଼ି ପଟା ପଡ଼ିବା ପାଇଁ ତାଗ କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ଏବଂ ରଥଯାତ୍ରାରେ ସେବାପୂଜା ପାଇଁ କାଠ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

# ଅନ୍‌ଲାଇନ୍‌ରେ ମହାପ୍ରସାଦ ଓ ଖଜା ବିକ୍ରି ଅଭିଯୋଗ

ପୁରୀ,୧।୬(ସମିସ): ପୁଣି ମହାପ୍ରଭୁଙ୍କୁ ଅପମାନ କରାଯିବା ସହ ଭକ୍ତଙ୍କ ଭାବାବେଗ ସହ ଖେଳାଯାଉଥିବା ଦୃଷ୍ଟିଗୋଚର ହୋଇଛି। ଅନ୍‌ଲାଇନ୍ ମାଧ୍ୟମରେ ଶୁଖିଲା ମହାପ୍ରସାଦ ଓ ଖଜା ପ୍ରସାଦ ବିକ୍ରି ନେଇ ବିଜ୍ଞାପନ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଯାହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ କରିଛନ୍ତି। 'ବ୍ରଜ ମେଳା' ନାମକ ଏକ ସଂସ୍ଥା ଦ୍ୱାରା ଏହି ବିଜ୍ଞାପନ ଦିଆଯାଇଥିବା ଦେଖିବାକୁ ମିଳିଛି। 'ହରେକୃଷ୍ଣ ଟେଲିଭିଜନ' ନାମକ ଏକ ଇନ୍‌ଷ୍ଟାଗ୍ରାମ୍ ଆଇଡିରୁ ମହାପ୍ରସାଦ ବରାଦ ପାଇଁ ଯୋଗାଯୋଗ ନମ୍ବର ସହ ବିଜ୍ଞାପନ ପ୍ରକାଶ କରାଯାଇଛି। ଶୁଖିଲା ମହାପ୍ରସାଦ ଓ ଖଜା ଅନ୍‌ଲାଇନ୍‌ରେ ବିକ୍ରି ପାଇଁ ଗ୍ରାହକଙ୍କୁ ଆକର୍ଷିତ କରାଯାଉଛି। ମହାପ୍ରସାଦକୁ 'ଅନ୍ନ ବ୍ରହ୍ମ' ଭାବେ ବିବେଚନା କରାଯାଏ। ଏହା କେବଳ ଖାଦ୍ୟ ନୁହେଁ, କୋଟି କୋଟି ଭକ୍ତଙ୍କ ଆସ୍ଥା, ବିଶ୍ୱାସ ଓ ଭକ୍ତିର ପ୍ରତୀକ। ମହାପ୍ରଭୁଙ୍କ ପ୍ରସାଦକୁ ଏଭଳି ବ୍ୟାବସାୟିକ ସାମଗ୍ରୀ ଭାବେ ଅନ୍‌ଲାଇନ୍‌ରେ ବିକ୍ରି କରିବା ମହାପ୍ରଭୁଙ୍କ ପ୍ରତି ଅପମାନ ବୋଲି ଜଗନ୍ନାଥ ପ୍ରେମୀମାନେ ମତ ଦେଇଛନ୍ତି। ବିଭିନ୍ନ ମହଲରେ ଏହାକୁ ନେଇ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ ଅନ୍‌ଲାଇନ୍ ମାଧ୍ୟମରେ ମହାପ୍ରସାଦ ବିକ୍ରି ଘଟଣା ସାମ୍ନାକୁ ଆସିଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ଏହାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଏ ନେଇ ପଦକ୍ଷେପ ନେବା ସହ ସମ୍ପୃକ୍ତ ସଂସ୍ଥା 'ବ୍ରଜ ମେଳା' ଓ ଇନ୍‌ଷ୍ଟାଗ୍ରାମ୍ ଆଇଡି 'ହରେକୃଷ୍ଣ ଟେଲିଭିଜନ' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭକ୍ତମାନେ ଦାବି କରିଛନ୍ତି। ମହାପ୍ରଭୁଙ୍କ ପ୍ରସାଦର ପବିତ୍ରତା ଓ ମର୍ଯ୍ୟାଦା ରକ୍ଷା ପାଇଁ ଅନ୍‌ଲାଇନ୍ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଓ ଏଭଳି କାର୍ଯ୍ୟରେ ଲିପ୍ତ ବ୍ୟକ୍ତି ତଥା ସଂସ୍ଥା ଉପରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଜଗନ୍ନାଥ ପ୍ରେମୀମାନେ ମତ ରଖିଛନ୍ତି।

# ଏସ୍‌ଆଇଆର୍ ପାଇଁ ବିଏଲ୍‌ଓଙ୍କ ଘରକୁ ଘର ପରିଦର୍ଶନ

ପୁରୀ,୧।୬(ସମିସ)



ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ କାର୍ଯ୍ୟ ଆରମ୍ଭ ହୋଇଛି। ବିଏଲ୍‌ଓ ବା ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟରମାନଙ୍କୁ ସଚେତନ ଓ ସହାୟତା କରୁଛନ୍ତି। ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟ। ତେଣୁ ଭୋଟରମାନେ ସେମାନଙ୍କ ପରିବାରର ସଠିକ୍ ତଥ୍ୟ ଯଥା ୧୮ ବର୍ଷ ବା ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ୍ ଦେବା, ପରିଚୟ ପତ୍ରରେ ତ୍ରୁଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ। କାର୍ଯ୍ୟସୂଚୀ ଅନୁସାରେ ଏସ୍‌ଆଇଆର୍ ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ମେ' ୩୦ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ବିଏଲ୍‌ଓମାନେ ଘରକୁ ଘର ପରିଦର୍ଶନ କରିବା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। ଜୁନ୍ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଂଗତ ପୁନର୍ବିନ୍ୟାସ କରାଯିବ। ଜୁଲାଇ ୫ ତାରିଖରେ ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯିବ। ଦାବି ଓ ଆପତ୍ତି ଦାଖଲ ସମୟସୀମା ଜୁଲାଇ ୫ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତ୍ତିର ନିଷ୍ପତ୍ତି ଗ୍ରହଣ କରାଯିବ। ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି।

ପୁରୀ ଜିଲ୍ଲାରେ ୧୬୦୯ ଜଣ ବିଏଲ୍‌ଓ ଭୋଟରମାନଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି। ଏ କ୍ଷେତ୍ରରେ ୧୬୧ ଜଣ ସୁପରଭାଇଜର ସେମାନଙ୍କୁ ସହଯୋଗ ଓ ପରାମର୍ଶ ଦେଉଛନ୍ତି। ବିଏଲ୍‌ଓମାନେ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବା ସହ ଭୋଟରମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଉଛନ୍ତି। ଫର୍ମ ପୂରଣ ପରେ ବିଏଲ୍‌ଓମାନେ ଭୋଟରଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରି ଭୋଟରମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକୋନଲେଜ୍‌ମେଣ୍ଟ ରସିଦ୍ ପ୍ରଦାନ କରିବେ। ଏ ସମସ୍ତ କାର୍ଯ୍ୟରେ ଜିଲ୍ଲାର ସମସ୍ତ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅନୁରୋଧ କରିଛନ୍ତି।

# ଅଗଷ୍ଟ ୨୧ରୁ ତିନିଦିନିଆ ସମାଧାନ ସମାରୋହ

ପୁରୀ,୧।୬(ସମିସ): ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ୱତନ୍ତ୍ର ଲୋକ ଅଦାଲତ 'ସମାଧାନ ସମାରୋହ-୨୦୨୬' ଆସନ୍ତା ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେବ। ଏଥିରେ ସମାଧାନ ସମାରୋହରେ ବୈବାହିକ ବିବାଦ, ମୋଟରଯାନ ଜନିତ ଦୁର୍ଘଟଣା ମାମଲା, ଚେକ୍ ବାଉନ୍ସ ମାମଲା, ଜମି ଅଧିଗ୍ରହଣ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଶ୍ରମ ବିବାଦ, ଅପୋଷ ସହମତିରେ ସମାଧାନ ଯୋଗ୍ୟ ଅନ୍ୟାନ୍ୟ ଉପଯୁକ୍ତ ମାମଲାର ସମାଧାନ ବ୍ୟବସ୍ଥା କରାଯାଇଛି। ଏହି ଲୋକ ଅଦାଲତରେ ନିଜ ମାମଲାର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ୱେବ୍‌ସାଇଟ୍ https://www.sci.gov.inରେ ଉପଲବ୍ଧ ଗୁଗଲ ଫର୍ମ ପୂରଣ କରି ଅନୁରୋଧ କରିବେ। ଏହା ଏକ ସ୍ୱେଚ୍ଛାକୃତ ପ୍ରକ୍ରିୟା ଅଟେ ଏବଂ ମାମଲାଗୁଡ଼ିକର ସମାଧାନ ଉଭୟ ପକ୍ଷଙ୍କ ସହମତି ଭିତ୍ତିରେ ହୋଇପାରିବ। ଉଭୟ ପକ୍ଷଙ୍କ ସହମତି ପାଇଁ ଲୋକ ଅଦାଲତ ପୂର୍ବରୁ ପ୍ରଶିକ୍ଷିତ ମଧ୍ୟସ୍ଥଙ୍କ ଦ୍ୱାରା ଜିଲ୍ଲା ଆଇନ ସେବା ପ୍ରାଧିକରଣ କିମ୍ବା ତାଲୁକ ଆଇନ ସେବା ସମିତିରେ ଏକ ମଧ୍ୟସ୍ଥତା ଅଧିବେଶନର ଆୟୋଜନ କରାଯିବ। ପକ୍ଷମାନେ ସିଧାସଳଖ କିମ୍ବା ସେମାନଙ୍କ ଅଧିବକ୍ତାଙ୍କ ମାଧ୍ୟମରେ ଆଭାସୀ ଦ୍ୱାରା ଅଂଶଗ୍ରହଣ କରିପାରିବେ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପୁରୀର ସମ୍ମୁଖ ଅଫିସ ଏବଂ ଜାତୀୟ ନିଃଶୁଳ୍କ ସେବା ଟୋଲ୍ ଫ୍ରି ଫୋନ୍ ନମ୍ବର ୧୫୧୦୦ରେ ଯୋଗାଯୋଗ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ କରିବାକୁ ଅନୁରୋଧ କରାଯାଇଛି।

# ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ପୁରୀ,୧।୬(ସମିସ): ଶ୍ରୀସେତୁ ଓଭରବ୍ରିଜ୍ ତଳୁ ବ୍ରାଉନ୍‌ସୁଗର ଜବତ କରି କୁମ୍ଭାରପଡ଼ା ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ଚନ୍ଦନପୁର ଥାନା ବାଙ୍ଗୁରୁବା ଗଦାଧରପୁରର ଆକାଶ କୁମାର ତ୍ରିପାଠୀ। ଅଭିଯୋଗ ଅନୁଯାୟୀ, ସୋମବାର କୁମ୍ଭାରପଡ଼ା ପୁଲିସ ପାଟ୍ରୋଲିଂ ଓ ଅବକାରୀ ଚଢ଼ଉ କରୁଥିଲେ। ଅପରାହ୍ନ ୧ଟା ୪୦ରେ ଶ୍ରୀସେତୁ ଓଭରବ୍ରିଜ୍ ତଳେ ଅଭିଯୁକ୍ତ ଆକାଶ ବ୍ରାଉନ୍‌ସୁଗର ରଖିଥିବା ପୁଲିସକୁ ଖବର ମିଳିଥିଲା। ତୁରନ୍ତ ପୁଲିସ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିବା ସହ ତା' ନିକଟରୁ ଧଳା ପଲିଥିନ୍ ପ୍ୟାକେଟ୍ ସହ ମୋଟ୍ ୫.୮୨ ଗ୍ରାମ୍ ବ୍ରାଉନ୍‌ସୁଗର, ନଗଦ ୧୨୦୦ ଟଙ୍କା ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା।

# ନରେନ୍ଦ୍ରରୁ ଅଚିହ୍ନା ମୃତଦେହ ଉଦ୍ଧାର

ପୁରୀ,୧।୬(ସମିସ): ନରେନ୍ଦ୍ର ପୁଷ୍କରିଣୀରୁ ଅଗ୍ନିଶମ ବିଭାଗ କର୍ମଚାରୀ ସୋମବାର ରାତିରେ ଏକ ମୃତଦେହ ଉଦ୍ଧାର କରିଛନ୍ତି। ତେବେ ଶବର ପରିଚୟ ମିଳିପାରିନାହିଁ। ପୁଲିସ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ଏକ ବ୍ୟକ୍ତିଙ୍କ ଶବ ଭାସୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଣି ମଧ୍ୟରୁ ଶବକୁ ଉଦ୍ଧାର କରି କୂଳକୁ ଆଣିବା ସହ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ୪୫ ବର୍ଷ ପାଖାପାଖି ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

# ବିଷ୍ଣୁଙ୍କର ଅତି ପ୍ରିୟ ପୁରୁଷୋତ୍ତମ ମାସ

ପୁରୀ,୧।୬(ସମିସ): ଶ୍ରୀ କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ତରଫରୁ ମଣିରାମ ମଠ ଭଜନ ମଣ୍ଡପଠାରେ ପୁରୁଷୋତ୍ତମ ମାସର ମାହାତ୍ମ୍ୟ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପାପୁଡ଼ିଆ ମଠ ମହାମଣ୍ଡଳେଶ୍ୱର ମହନ୍ତ ରାମକୃଷ୍ଣ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ପଣ୍ଡିତ ଦୟାନିଧି ପଣ୍ଡା ଗୀତା ଓ ବେଦପାଠ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ଡ. ବଳରାମ ଦାଶ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଅତିଥି, ସୁବକ୍ତା ପ୍ରବଚକ, ଜ୍ୟୋତିର୍ବିଦ୍ ପ୍ରମୁଖ ମଞ୍ଚାସୀନ ଥିଲେ। ମହିପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ, ମହନ୍ତ ରାମ ଚରଣ ଦାସ, ମଣିରାମ ମଠ ମହନ୍ତ ଅଭିରାମ ଦାସ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ସମାଜସେବୀ ମନୋଜ କୁମାର ରଥ, ଜ୍ୟୋତିର୍ବିଦ୍ ଅନାମଚନ୍ଦ୍ର ସାହୁ ଯୋଗଦେଇ ପୁରୁଷୋତ୍ତମ ମାସର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ କହିଥିଲେ, ମଳ ମାସ ନୁହେଁ ଏହା ପୁରୁଷୋତ୍ତମ ମାସ। ଦୁଇଟି ସଂକ୍ରାନ୍ତି ଓ ଅମାବାସ୍ୟାରେ ଏହି ମାସ ହୋଇଥାଏ। ଏହା ହେଉଛି ପୁରୁଷୋତ୍ତମ ମାସ। ବିଷ୍ଣୁଙ୍କର ଅତିପ୍ରିୟ ମାସ। ଏହି ମାସରେ ଭକ୍ତମାନେ ମହାପ୍ରଭୁଙ୍କ ନିକଟରେ ଭଜନକୀର୍ତ୍ତନ ଓ ଜଣାଣ କରି ଭାବଭକ୍ତି ସହ ସମର୍ପଣରେ ନିମଗ୍ନ ରହିଲେ କୋଟି ପୁଣ୍ୟ ମିଳେ। ଏହାକୁ ମଳମାସ କହିବା ଅନୁଚିତ୍। ଶ୍ରୀମନ୍ଦିରରେ ମଙ୍ଗଳା ମନ୍ଦିର ସମ୍ମୁଖରେ ଥିବା ମନ୍ଦିରରେ ବାରାହୀ ନାରାୟଣ ରୂପୀ ସ୍ୱୟଂ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କୁ ଏକ ମାସ ଧରି ନିଷ୍ଠାର ସହ ସ୍ୱତନ୍ତ୍ର ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ପିଠାପଣା ଇତ୍ୟାଦି ଭୋଗ କରି ଭକ୍ତମାନେ କୃତ୍ୟକୃତ୍ୟ ହୁଅନ୍ତି। ଅନ୍ୟ ବାରମାସ ବିଷ୍ଣୁଙ୍କୁ ବିଭିନ୍ନ ନାମରେ ପୂଜା କରାଯାଏ। ଏହି ମାସରେ ବିଷ୍ଣୁଙ୍କୁ ପୁରୁଷୋତ୍ତମ ଭାବେ ପୂଜା କରାଯାଏ। ସାଧୁସନ୍ଥମାନଙ୍କର ଏହି ମାସ ଅତି ପ୍ରିୟ। ମଠ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୁରୁଷୋତ୍ତମଙ୍କୁ ଶୁଦ୍ଧପୂତ ରୂପେ ପୂଜା କରନ୍ତି। କାର୍ଯ୍ୟକ୍ରମକୁ କବି ଶିବସୁନ୍ଦର ମିଶ୍ର ସଂଯୋଜନା କରିଥିବାବେଳେ ସାମ୍ବାଦିକ ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ଭକ୍ତମାନେ ଭଜନକୀର୍ତ୍ତନ କରିଥିଲେ।



● ବନୀକରଣ ଓ ପାରିପାର୍ଶ୍ୱିକ ସନ୍ତୁଳନ ଶୀର୍ଷକ ଆଲୋଚନା

# ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଜୀବଜଗତ ପାଇଁ ସତର୍କ ଘଣ୍ଟି

ପୁରୀ,୧।୬(ସମିସ): ପୁରୀ ସୁରକ୍ଷା ପରିଷଦ ଓ ଲତା ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହର ତୃତୀୟ ଦିବସରେ ବ୍ରହ୍ମଗିରିସ୍ଥିତ ପ୍ରସ୍ତୁତି ଶିକ୍ଷାନୁଷ୍ଠାନରେ ବନୀକରଣ ଓ ପାରିପାଶ୍ୱରିକ ସନ୍ତୁଳନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ଜ୍ୟୋତି ମିଶ୍ର ଯୋଗଦେଇ କହିଲେ, ସମ୍ପ୍ରତି ପରିବେଶ ପ୍ରଦୂଷଣ, ଅସହନୀୟ ତାପମାତ୍ରା ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ଜୀବଜଗତ ପାଇଁ ସତର୍କର ଘଣ୍ଟି ବଜାଇ ସାରିଲାଣି। ତେଣୁ ପ୍ରବଳ ମାତ୍ରାରେ ବନୀକରଣ ଅତ୍ୟନ୍ତ ଆବଶ୍ୟକ। ମୁଖ୍ୟଅତିଥି ବରିଷ୍ଠ ଶିକ୍ଷାବିତ୍ କ୍ରିଷ୍ଣା ମହାପାତ୍ର କହିଥିଲେ, ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ପରିବେଶ ପ୍ରତି ଜନସାଧାରଣଙ୍କୁ ସଚେତନ କରାଇବା ଓ ବୃକ୍ଷରୋପଣ କରିବା ଅତ୍ୟନ୍ତ ଜରୁରୀ। ବ୍ରହ୍ମଗିରି ରେଞ୍ଜ ଅଧିକାରୀ ଚନ୍ଦ୍ରଶେଖର ସାହୁ କହିଥିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ ଦେଇଛି। ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି ଓ ବ୍ୟାପକ କଂକ୍ରିଟ ସଡ଼କ ନିର୍ମାଣ ପାଇଁ ବ୍ୟାପକ ଜଙ୍ଗଲ କଟାଚାଲିଛି। ତେଣୁ ବ୍ୟାପକ ବନୀକରଣ, ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ, ଜଳ ସଞ୍ଚୟ କରିବା ନେଇ ଆମେ ସଂକଳ୍ପ ନେବା। ଅନ୍ୟତମ ଅତିଥିଭାବେ କାଶୀନାଥ ନାୟକ, ଶିକ୍ଷାନୁଷ୍ଠାନର ଶିକ୍ଷାବିତ୍ ରମେଶ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବଶିଷ୍ଟ ସାମାଜିକ କର୍ମୀ ପଠାଣି ଜେନା, ଟି. ସୁନିତା ରାଓ, ପ୍ରଦୀପ ନାୟକ, ଦେବାଶିଷ ପଲେଇ, ମଧୁସ୍ମିତା ବେହେରା, ବିଦ୍ୟୁସ୍ମିତା ସ୍ୱାଇଁ, ବର୍ଷା ବୈଶାଖୀ ତ୍ରିପାଠୀ, ଇତିଶ୍ରୀ ଜେନା ପ୍ରମୁଖ ପରିବେଶ ସୁରକ୍ଷା ନେଇ ସଂକଳ୍ପ ନେଇଥିଲେ। ପ୍ରାରମ୍ଭରେ ରୂପକ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ତପନ ସେଠୀ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବେଣୁଧର ପାତ୍ର।

## ଜାତୀୟ ଲୋକମେଳା ଓ କୃଷିମେଳା ଉଦ୍‌ଘାଟିତ

# ଶିକ୍ଷା, କଳା ଓ ସଂସ୍କୃତିର ପ୍ରେରଣା ମଞ୍ଚ ହେଉ ମେଳା

ପୁରୀ,୧।୬(ସମିସ)





ଶ୍ରୀକ୍ଷେତ୍ର ସୂଚନା ପୁରୀ ପକ୍ଷରୁ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ସୋମବାର ଉଦ୍‌ଘାଟିତ ହୋଇଛି ପାଞ୍ଚଦିନିଆ ୨୪ତମ ଜାତୀୟ ଲୋକମେଳା ଓ ୧୭ତମ ଜାତୀୟ କୃଷିମେଳା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାକୁ ଉଦ୍‌ଘାଟନ କରି ଏଭଳି ଆୟୋଜନର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଆଦିବାସୀ ପରିଚୟ ଏବଂ ଆଧୁନିକ କୃଷି ପ୍ରଯୁକ୍ତିର ସମନ୍ୱୟ ମାଧ୍ୟମରେ ଆତ୍ମନିର୍ଭର ଭାରତ ଗଠନରେ ଏପରି ଜାତୀୟ ମେଳାର ଗୁରୁତ୍ୱ ରହିଛି। ଭାରତ ବର୍ଷର ସବୁ ରାଜ୍ୟର କୃଷିମନ୍ତ୍ରୀଙ୍କ ସହ ଆଲୋଚନା କରି ଆସନ୍ତା ବର୍ଷ ଏକ ଭାରତ ଶ୍ରେଷ୍ଠ ଭାରତ ପୁରୀ ମାଟିରୁ ହିଁ ଆରମ୍ଭ ହେବ ବୋଲି କହିଥିଲେ। ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ତୀର୍ଥ ଓ ପର୍ଯ୍ୟଟନର ମହାସଙ୍ଗମସ୍ଥଳୀ ଶ୍ରୀକ୍ଷେତ୍ରରେ ଆୟୋଜିତ ଏହି ଜାତୀୟ ଲୋକମେଳା ଓ କୃଷି ମେଳା, ଶିକ୍ଷା, କଳା ଓ ସଂସ୍କୃତିର ପ୍ରେରଣା ମଞ୍ଚ ହେଉ।

ସ୍ୱାଗତ ଅଭିଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ପରେ ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସଂସ୍ଥାର କାର୍ଯ୍ୟକଳାପ ଓ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ରୌପ୍ୟ ଜୟନ୍ତୀ ଲୋକମେଳା ନିମନ୍ତେ ସମସ୍ତ ଅତିଥିଙ୍କୁ ଶ୍ରୀମନ୍ଦିରର ଗୁଆ ଓ ମହାପ୍ରସାଦ ନିମନ୍ତ୍ରଣ ମାଧବଚନ୍ଦ୍ର ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଅର୍ପଣ କରାଯାଇଥିଲା। ଏହି ଅବସରରେ ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ତଥା ପୂର୍ବତନ କୁଳପତି ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀ ଲୋକମେଳାର ୨୪ ବର୍ଷର ଯାତ୍ରା, ଆଦିବାସୀ ଓ ଲୋକ ସଂସ୍କୃତିର ସଂରକ୍ଷଣ ଏବଂ କୃଷିମେଳା ମାଧ୍ୟମରେ କୃଷକ ସଶକ୍ତୀକରଣ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା ଲୋକ ଓ ଆଦିବାସୀ କଳାକାର ଦଳମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କୁ ସ୍ମାରକ ପ୍ରଦାନ କରାଯାଇଥିବା ବେଳେ ଆୟୋଜକ କମିଟିର ସଭାପତି ଜୟନ୍ତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷୀୟ ଭାଷଣ ପ୍ରଦାନ କରିଥିଲେ। ଏଥିରେ ପ୍ରଶାସନିକ କମିଟି ଅଧ୍ୟକ୍ଷ ଡ. ବଦ୍ରି ମିଶ୍ର ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ରାମଚନ୍ଦ୍ର ଦାସ ମହାପାତ୍ର ଓ ସନ୍ତୋଷ କୁମାର ମହାନ୍ତି ଉତ୍ସବ ଉପରେ ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହ ଉଦ୍‌ଘାଟନୀ ଅଧିବେଶନ ସମାପ୍ତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ସମେତ ଜମ୍ମୁ-କାଶ୍ମୀର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ତ୍ରିପୁରା, ଆସାମ ଓ ଅନ୍ୟାନ୍ୟ ରାଜ୍ୟର କଳାକାରମାନେ ପାରମ୍ପରିକ ଲୋକନୃତ୍ୟ, ଆଦିବାସୀ ନୃତ୍ୟ, ଲୋକଗୀତ ଏବଂ ସାଂସ୍କୃତିକ ଉପସ୍ଥାପନା ମାଧ୍ୟମରେ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ବିଭିନ୍ନ ଜନଜାତିର ପୋଷାକ, ସଙ୍ଗୀତ, ନୃତ୍ୟ ଓ ଲୋକ ପରମ୍ପରାର ଜୀବନ୍ତ ପ୍ରଦର୍ଶନ ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା।

ଆତ୍ମନିର୍ଭର ଭାରତ ଗଠନରେ ଏପରି ଜାତୀୟ ମେଳାର ଗୁରୁତ୍ୱ ରହିଛି

# ଗାଦିମଡ଼ା କର୍ମଚାରୀଙ୍କୁ ନୂଆ ଠିକଣା ଦେଖାଇଲେ ଡିଏଫ୍ଓ

**ନୟାଗଡ଼, ୧।୬(ସମିସ)**

ନୟାଗଡ଼ ବନଖଣ୍ଡରେ ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ ଆସ୍ଥାନ ଜମାଇଥିବା କର୍ମଚାରୀଙ୍କୁ ନୂଆ ଠିକଣା ଦେଖାଇଛନ୍ତି ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା। ଏକକାଳୀନ ୩୯ ଜଣ ବନରକ୍ଷୀ ଓ ୨ ଜଣ ବନପାଳଙ୍କ ବଦଳି କରିଛନ୍ତି। ପୂର୍ବରୁ ୯ ବନପାଳଙ୍କ ବଦଳି ହୋଇଥିଲା। ଏବେ ବନରକ୍ଷୀ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ମହିପୁର ଗାତେରୀରୁ ଓଡ଼ଗାଁ ଚେମେଡ଼ି, ସୁଧାକର ସାହୁଙ୍କୁ ମହିପୁର ଜଗନ୍ନାଥପ୍ରସାଦରୁ ଦଶପଲ୍ଲା ପୋଖରୀଗୋଚ୍ଛା, ଅର୍ଦ୍ଧେନ୍ଦୁ ପରିଡ଼ାଙ୍କୁ ମହିପୁର ଖାଲମଡ଼ାରୁ ଓଡ଼ଗାଁ ବାଣ୍ଡପୁର, ସ୍ନିଗ୍ଧାରାଣୀ ସ୍ୱାଇଁଙ୍କୁ ମହିପୁର କାଣିଗିରିରୁ ଖଣ୍ଡପଡ଼ା ଖଳିସାହି, ବିଘ୍ନେଶ ବେହେରାଙ୍କୁ ମହିପୁର ସମ୍ପଡ଼ାରୁ ମେଗାନର୍ସରୀ, ରଶ୍ମିତା ସେଠୀଙ୍କୁ ମହିପୁରରୁ ସଁମ୍ପଡ଼ା, ସଞ୍ଜୟ କୁମାର ବେହେରାଙ୍କୁ ମହିପୁର ସେନ୍ତେରୀରୁ ଓଡ଼ଗାଁ ଢୋଲମସ୍କା, ରୀନା ସେଠୀଙ୍କୁ ମହିପୁର ବାଣ୍ଡଆସାହିରୁ ଓଡ଼ଗାଁ ସାକେରୀ, ଯୋଗେନ୍ଦ୍ର ସ୍ୱାଇଁଙ୍କୁ ମହିପୁର ଗୁମ୍ଫାରୁ ଓଡ଼ଗାଁ, ନାରାୟଣ ମହାରଣାଙ୍କୁ ଖଣ୍ଡପଡ଼ା ଅଁଳାପଡ଼ାରୁ ପଞ୍ଚରିଡ଼ା, ଲିଲି ବାରିକଙ୍କୁ ଖଣ୍ଡପଡ଼ା ଖଳିସାହିରୁ ଗଣିଆ ଆଡ଼କଟା, ଅଶୋକ କୁମାର ଗୁରୁଙ୍କୁ ଖଣ୍ଡପଡ଼ାରୁ ପଞ୍ଚରିଡ଼ା ଗୋଚ୍ଛା, ମାନସ ରଞ୍ଜନ ମିଶ୍ରଙ୍କୁ ଓଡ଼ଗାଁ ଚେମେଡ଼ିରୁ ଖଣ୍ଡପଡ଼ା ସିଂଘାପଡ଼ା, ସୌମ୍ୟରଞ୍ଜନ ଦଳେଇଙ୍କୁ ଓଡ଼ଗାଁରୁ ଖଣ୍ଡପଡ଼ା, ଦିଲୀପ କୁମାର ପ୍ରଧାନଙ୍କୁ ସାକେରୀରୁ ଦୁର୍ଗାପୁର ନର୍ସରୀ, ଉଦ୍ଧବ ପ୍ରଧାନଙ୍କୁ ଓଡ଼ଗାଁ ବାଣ୍ଡପୁରରୁ ମହିପୁର ଗୁମ୍ଫା, କବିର ସାହୁଙ୍କୁ ଓଡ଼ଗାଁ ଢୋଲମସ୍କାରୁ ଡିଭିଜନ୍ ଅଫିସ୍ ଏନଫୋର୍ସମେଣ୍ଟ, ସୁନୀଲ କୁମାର ନାୟକଙ୍କୁ ଓଡ଼ଗାଁ ମକରପଲ୍ଲୀରୁ ଖଣ୍ଡପଡ଼ା ଗୋହିରିଆପଡ଼ା, ଅଜୟ କୁମାର ସାହୁଙ୍କୁ ଦଶପଲ୍ଲା ଟାକେରାରୁ ଗଣିଆ ମଧ୍ୟଖଣ୍ଡ, ନୀଳମଣି ନାୟକଙ୍କୁ ଦଶପଲ୍ଲା ପୋଖରୀଗୋଚ୍ଛାରୁ ମହିପୁର କୋରଡ଼ା, ଅବିନାଶ ସେନାପତିଙ୍କୁ ଦଶପଲ୍ଲା ଭୋଗବାଡ଼ିରୁ ଗଣିଆ ନଚ୍ଛିପୁର, କିଶୋର ଚନ୍ଦ୍ର ମଲ୍ଲିକଙ୍କୁ ଦଶପଲ୍ଲା ଗୋଡ଼ିବିଡ଼ାରୁ ଡିଭିଜନ୍ ଏନଫୋର୍ସମେଣ୍ଟ, ପ୍ରଭାତ କୁମାର ପ୍ରଧାନଙ୍କୁ ପଞ୍ଚରିଡ଼ାରୁ ଓଡ଼ଗାଁ ମକରାପଲ୍ଲୀ, ନୀଳମଣି ଦଳେଇଙ୍କୁ ପଞ୍ଚରିଡ଼ା ଗୋଡ଼ିପଡ଼ାରୁ ଦଶପଲ୍ଲା ଭୋଗବାଡ଼ି, ହେମନ୍ତ କୁମାର ମହାପାତ୍ରଙ୍କୁ ପଞ୍ଚରିଡ଼ା ଦର୍ପନାରାୟଣପୁରରୁ ଦଶପଲ୍ଲା ଟାକେରା, ବିପିନ ବେହେରାଙ୍କୁ ଗଣିଆ ମଧ୍ୟଖଣ୍ଡରୁ ଦଶପଲ୍ଲା ପଥରପୁଞ୍ଜା, ଶ୍ରୀକାନ୍ତ ନାୟକଙ୍କୁ ମହିପୁର ଜିଗିନପଡ଼ାରୁ ନୟାଗଡ଼ ଡିଆଁପଡ଼ା, ଟିକିନା ନାୟକଙ୍କୁ ନୟାଗଡ଼ ଚାହାଳିରୁ ମହିପୁର ଖାଲମଡ଼ା, ପ୍ରକାଶ ଚନ୍ଦ୍ର ପାଳଙ୍କୁ ନୟାଗଡ଼ ଡିଆଁପଡ଼ାରୁ ଦଶପଲ୍ଲା ଦଡ଼ା, ଜଲି ସାମଲଙ୍କୁ ଗଣିଆ ନଚ୍ଛିପୁରୁ ନୟାଗଡ଼ ଚାହାଳି, ସଞ୍ଜୟ କୁମାର ମହାପାତ୍ରଙ୍କୁ ଦଶପଲ୍ଲା ଦୁଡ଼ାରୁ ଏନଫୋର୍ସମେଣ୍ଟ, ମାନସ କୁମାର ସେଠଙ୍କୁ ମହିପୁର କୋରଡ଼ାରୁ ଓଡ଼ଗାଁ ଆମ୍ବପଡ଼ା, ଅରବିନ୍ଦ ସାହୁଙ୍କୁ ଦଶପଲ୍ଲା ବାଣିଗୋଚ୍ଛାରୁ ମହିପୁର ଜିଗିନିପଡ଼ା, ଇତିଶ୍ରୀ ପ୍ରଧାନଙ୍କୁ ଡିଭିଜନ୍ ଅଫିସରୁ ପଞ୍ଚରିଡ଼ା ବିରୁଡ଼ା, ଚିନ୍ମୟୀ ପ୍ରଧାନଙ୍କୁ ଡିଭିଜନ୍ ଅଫିସରୁ ମହିପୁର କାଣୀଗିରି, ଧରଣୀଧର ନାୟକଙ୍କୁ ଗଣିଆ ଆଡ଼କଟାରୁ ଦଶପଲ୍ଲା ବାଣିଗୋଚ୍ଛା, ସୁବାସିନୀ ପାଇକରାୟଙ୍କୁ ଦଶପଲ୍ଲା କଙ୍କଣମେଣ୍ଡିରୁ ପଞ୍ଚରିଡ଼ା ଦର୍ପନାରାୟଣପୁର, ସୁଶାନ୍ତ କୁମାର ନାୟକଙ୍କୁ ପଞ୍ଚରିଡ଼ା ଗୋଚ୍ଛାରୁ ମହିପୁର ଗାତେରୀ, ପ୍ରଶାନ୍ତି ସାହୁଙ୍କୁ ନୟାଗଡ଼ରୁ ଖଣ୍ଡପଡ଼ା ଅକୁରାବନ୍ଧକୁ ବଦଳି କରାଯାଇଛି। ସେହିଭଳି ଦଶପଲ୍ଲା ପଥରପୁଞ୍ଜା ବିଟ୍‌ରୁ ବନପାଳ ସୁକାନ୍ତି କୁମାରୀ ସାହୁଙ୍କୁ ଦଶପଲ୍ଲା ବନାଞ୍ଚଳ କାର୍ଯ୍ୟାଳୟ ଏବଂ ବନପାଳ ମୁରଲୀଧର ରାଉତଙ୍କୁ ଖଣ୍ଡପଡ଼ା ଅକୁରାବନ୍ଧରୁ ଡିଭିଜନ୍ ଏନଫୋର୍ସମେଣ୍ଟକୁ ବଦଳି କରାଯାଇଛି। ଦୀର୍ଘବର୍ଷ ଧରି ଏହି କର୍ମଚାରୀଙ୍କ ବଦଳି ହୋଇ ନ ଥିଲା। ଫଳରେ ସେମାନଙ୍କ ମନମାନି ଚରମ ସୀମାରେ ପହଞ୍ଚିଥିଲା।

**୩୯ ବନରକ୍ଷୀ ଓ ୨ ବନପାଳଙ୍କ ବଦଳି**

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ



**ନୟାଗଡ଼/ଶରଣକୁଳ, ୧।୬(ସମିସ):** ଶରଣକୁଳ ଥାନା ପଞ୍ଚରିଡ଼ା ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଯୌତୁକ ପାଇଁ ଶାଶୂଘର ଲୋକେ ତାଙ୍କୁ ମାରି ଦେଇଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପଟେ ଅନୈତିକ ସମ୍ପର୍କ ଧରାପଡ଼ିବା ପରେ ବିଷ ପିଇ ସେ ଆତ୍ମହତ୍ୟା କରିଥିବା ଶଶୁର କହିଛନ୍ତି।

ଶରଣକୁଳ ଥାନା ନରେନ୍ଦ୍ରପୁର ଗ୍ରାମର ତ୍ରିଲୋଚନ ସାହୁଙ୍କ ଝିଅ ମିତାଲି ପଞ୍ଚରିଡ଼ା ଗ୍ରାମର ଖଦାଳ ସାହୁଙ୍କ ପୁଅ ମନୋଜଙ୍କୁ ୫ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୪ ବର୍ଷର ଏକ ଝିଅ ଅଛି। ମନୋଜ ଗୋଆରେ କାମ କରୁଛନ୍ତି। ତେବେ ମିତାଲିଙ୍କୁ ସବୁବେଳେ ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିଲା ବୋଲି ତାଙ୍କ ଭାଇ ଅଭିଯୋଗ କରିଛନ୍ତି। ଏପରିକି କିଛିମାସ ତଳେ ଶରଣକୁଳ ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା ହୋଇଥିବା ସେ କହିଛନ୍ତି। ମିତାଲିଙ୍କ ଶଶୁରଘର ଲୋକଙ୍କ ତାଗିଦ୍ ପାଇଁ ସେମାନେ ଭଉଣୀ ଘରକୁ ଯାଇପାରୁ ନ ଥିଲେ। ଦୁଇମାସ ତଳେ ମିତାଲିଙ୍କ ଶଶୁରଘର ଲୋକେ ଜୋରଜବରଦସ୍ତ ତାଙ୍କ ଗର୍ଭପାତ କରାଇଥିଲେ। ରବିବାର ମିତାଲିଙ୍କୁ ଶାଶୂଘର ଲୋକେ ପିଟିପିଟି ହତ୍ୟା କରିଥିବା ତାଙ୍କ ଭାଇ ଅଭିଯୋଗ କରିଛନ୍ତି। ହତ୍ୟାରେ ମିତାଲିଙ୍କ ନଣନ୍ଦ, ନଣନ୍ଦେଇ, ଶାଶୂ, ଶଶୁର ସମ୍ପୃକ୍ତ ଥିବା ସେ କହିଛନ୍ତି। ଅନ୍ୟପକ୍ଷେ, ଗାଁର ଜଣେ ଯୁବକଙ୍କ ସହ ଅନୈତିକ ସମ୍ପର୍କ ଧରାପଡ଼ିଯିବା ପରେ ଲୋକଲଜ୍ଜା ପାଇଁ ମିତାଲି ବିଷ ପିଇ ଦେଇଥିବା ଶଶୁର କହିଛନ୍ତି। ମିତାଲିଙ୍କ ବାପା ତ୍ରିଲୋଚନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ଜଣେ ଆହତ, ବଳଦ ମୃତ

**ଖଣ୍ଡପଡ଼ା, ୧।୬(ସମିସ):** ସୋମବାର ଅପରାହ୍ଣରେ ପ୍ରବଳ ବର୍ଷା, ପବନ, ବିଜୁଳି ସହ ବଜ୍ରପାତ ପ୍ରଭାବରେ ଗୋଟିଏ ବଳଦର ମୃତ୍ୟୁ ଘଟିଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଖଣ୍ଡପଡ଼ା ବ୍ଲକ ଶିଖରପୁର ପଞ୍ଚାୟତ ବରପଲ୍ଲୀ ଗ୍ରାମର ସୁରିଆ ସାହୁଙ୍କ ଘର ନିକଟରେ ଥିବା ଏକ ନଡ଼ିଆ ଗଛ ଉପରେ ବଜ୍ରପାତ ହେବାରୁ ଗଛ ସମ୍ପୂର୍ଣ୍ଣ ଜଳିଯାଇଥିଲା। ନିକଟରେ ଥିବା ଗୁହାଳରେ ସୁରିଆ ଗାଈକୁ ଖାଇବାକୁ ଦେବା ସମୟରେ ବଜ୍ରପାତରେ ଆହତ ହୋଇଥିଲେ। ଏଥିସହ ଗୁହାଳରେ ବନ୍ଧା ହୋଇଥିବା ଦୁଇଟି ବଳଦ ମଧ୍ୟରୁ ଗୋଟିଏ ବଳଦର ମୃତ୍ୟୁ ହୋଇଛି। ଗ୍ରାମବାସୀ ସୁରିଆଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଖଣ୍ଡପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ସୁରିଆଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଗଣିଆ, ୧।୬(ସମିସ):** ଗଣିଆ ଚଉବଙ୍ଗ ଛକ ନିକଟ ହନୁମାନ ମନ୍ଦିର ପାଖରେ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଉତପଡ଼ାର ପ୍ରଦୀପ ରଣା। ସୋମବାର ସକାଳେ ପ୍ରଦୀପ ନିଜ ସ୍କୁଟି ଯୋଗେ ଭୁବନେଶ୍ୱର ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଆମ୍ବ ଉପରେ ଆଗଚକ ଚଢ଼ିଯିବାରୁ ଭାରସାମ୍ୟ ହରାଇ ଗାଡ଼ିରୁ ଛିଟକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଗଣିଆ ମେଡିକାଲ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବାଲି ବୋଝେଇ ହାଇୱା ଜବତ

**ଖଣ୍ଡପଡ଼ା, ୧।୬(ସମିସ):** ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଅଭିଯୋଗରେ ଖଣ୍ଡପଡ଼ା ଥାନା ପୁଲିସ ରବିବାର ରାତିରେ ଏକ ହାଇୱା ଜବତ କରିଛି। ପୁଲିସ ଗାଡ଼ି କାଗଜପତ୍ର ଯାଞ୍ଚ କରିବା ସମୟରେ ବାଲି ଚାଲାଣ ନେଇ ଆନୁଷଙ୍ଗିକ କାଗଜପତ୍ର ନ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ମାମଲା ରୁଜୁ ହୋଇଛି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ନୟାଗଡ଼, ୧।୬(ସମିସ): ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ସୋମବାର ସଦରମହକୁମାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରେ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୩୩ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୧୭ଟି ବ୍ୟକ୍ତିଗତ, ୯ଟି ଗ୍ରାମ୍ୟ ସମସ୍ୟା, ୭ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କିତ ଅଭିଯୋଗ ରହିଥିଲା। ୪୦ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି।

## ଶ୍ରୀହୀନ ହୋଇପଡ଼ିଲାଣି ଭାପୁର ବଜାର

**ଭାପୁର, ୧।୬(ସମିସ):** ଖଣ୍ଡପଡ଼ାରୁ ଭାପୁର ଓ ଫତେଗଡ଼ ଦେଇ ଭୁବନେଶ୍ୱରକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଭାପୁର ଓ ଫତେଗଡ଼ ବଜାରର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲୁ ରହିଛି। ୨ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ଓ ଉଠା ଦୋକାନ ମାଟିରେ ମିଶିଥିବା ବେଳେ ବ୍ୟବସାୟର ପେଣ୍ଠସ୍ଥଳ ଭାପୁର ବଜାର ଏବେ ଶ୍ରୀହୀନ ହୋଇପଡ଼ିଛି। ଦୀର୍ଘବର୍ଷ ଧରି ଛୋଟବଡ଼ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଏହି ବ୍ୟବସାୟୀଙ୍କ ପରିବାର ସଦସ୍ୟଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ବ୍ୟବସାୟୀମାନେ କ'ଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ସମସ୍ତ ବ୍ୟବସାୟୀଙ୍କୁ ଥଇଥାନ ନିମନ୍ତେ ସ୍ୱତନ୍ତ୍ର ବଜାର କିମ୍ବା ଭେଣ୍ଡିଂ ଜୋନ ଆବଶ୍ୟକତା ଥିବା ବେଳେ ଏ ଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଭାପୁର ଓ ଫତେଗଡ଼ ବଜାର ବ୍ୟବସାୟୀ ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ଅଞ୍ଚଳର ସମସ୍ତ ବ୍ୟବସାୟୀଙ୍କୁ ନେଇ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବା ଆଶଙ୍କା ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବ୍ୟବସାୟୀ ସଂଘ ସଦସ୍ୟ ଦାବି କରିଛନ୍ତି। ଖଣ୍ଡପଡ଼ା ବିଧାୟକ ଓ କଟକ ସାଂସଦ ତୁରନ୍ତ ବ୍ୟବସାୟୀଙ୍କୁ ଭେଟି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଭେଣ୍ଡିଂ ଜୋନ୍ ନିର୍ମାଣ ଦାବି**

## ମିଳୁନି ପିଇବା ପାଣି, କୂଅ ଭରସା



**ଖଣ୍ଡପଡ଼ା, ୧।୬(ସମିସ):** ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ପାନୀୟଜଳ ସମସ୍ୟାକୁ ନେଇ ଗ୍ରାମବାସୀ ସାମାଜିକ ଗଣମାଧ୍ୟମରେ ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ପାଣି ଟୋପେ ପାଇଁ ଗ୍ରାମର ଶତାଧିକ ପରିବାର ବର୍ଷ ବର୍ଷ ଧରି ହନ୍ତସନ୍ତ ହେଉଛନ୍ତି। ଗାଁ ମୁଣ୍ଡରେ ଥିବା ଏକମାତ୍ର କୂଅ ଉପରେ ଅଧିକାଂଶ ପରିବାର ନିର୍ଭର କରୁଛନ୍ତି। ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାରେ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନ ଫେଲ ମାରିଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଲୋକେ ଘରୁ ବାହାରି ପାରୁ ନ ଥିବା ବେଳେ ସନ୍ଧ୍ୟା ଓ ରାତିରେ ଗାଁ ମୁଣ୍ଡରେ ଥିବା କୂଅରୁ ମହିଳା ଓ ପୁରୁଷମାନେ ଲମ୍ବା ଲାଇନରେ ଟର୍ଚ୍ଚ ଲାଇଟ ଜଳାଇ ପାଣି କାଢୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏନେଇ ସ୍ଥାନୀୟ ବିଡିଓ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରେ ପ୍ରଶାସନ ପକ୍ଷରୁ ଗ୍ରାମ ଚତୁଃପାର୍ଶ୍ୱରେ ପାଣି ପରୀକ୍ଷା କରାଯିବା ପରେ ପାଣି ଅଭାବ ରହିଥିବାରୁ ନିକଟସ୍ଥ ମାଳବନ୍ଧ ନିକଟରୁ ଉଠା ଜଳସେଚନ ମାଧ୍ୟମରେ ପ୍ରତ୍ୟେକ ଦିନ ଉକ୍ତ ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଉଥିବା କହିଛନ୍ତି। ତେବେ ପାଇପ ଯୋଗେ ଯେଉଁ ପାଣି ଆସୁଛି ତାହା ବିଶୁଦ୍ଧ ନୁହେଁ ବୋଲି ଗ୍ରାମବାସୀ କହୁଥିବା ବେଳେ ତୁରନ୍ତ ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହୋଇଛି।

**ଚିନ୍ତାରେ ଗୋପୀନାଥପୁର ଗ୍ରାମବାସୀ**

**ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଯାଆଁଳାକୁ ହରାଇ ବାଣପୁର ଚାମ୍ପିଅନ



**ରଣପୁର, ୧।୬(ସମିସ):** ରଣପୁର ବ୍ଲକ ରାଜସୁନାଖଳା ମହୋତ୍ସବ ପଡ଼ିଆରେ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାତ୍ରିକାଳୀନ ହାଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ।

ଫାଇନାଲ ମ୍ୟାଚ ବାଣପୁର ଓ ଯାଆଁଳା ମଧ୍ୟରେ ଖେଳାଯାଇଥିଲା। ବାଣପୁର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଯାଆଁଳା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬୦ରନ କରିଥିଲା। ଜବାବରେ ବାଣପୁର ୫.୪ ଓଭରରେ ୬୧ରନ କରି ବିଜୟୀ ହୋଇଥିଲା। ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରଣପୁର ବ୍ଲକ ବିଜେଡି ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀ, ପ୍ରଫୁଲ୍ଲ କୁମାର ନାୟକ, ଲିଙ୍ଗରାଜ ପ୍ରଧାନ, ବିଶିକେଶନ ସାହୁ, ରାଜେଶ କୁମାର ସାହୁ, ଦେବରାଜ ରଗଡ଼, ପ୍ରଭାତ କୁମାର ସାହୁ, ଭାଗୀରଥି ସ୍ୱାଇଁ, ସୁରେଶ କୁମାର ସାହୁ, ସଦାଶିବ ସାହୁ, ସମ୍ବିତ କୁମାର ସାହୁ, ନରୋତ୍ତମ ନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଟିମ ପକ୍ଷରୁ ଲଟ୍ରି ବ୍ୟବସ୍ଥା କରାଯାଇଥିଲା। ଲକ୍ଷ୍ମୀକାନ୍ତ ମିଶ୍ର ଓ ବଲ୍ଲଭ କୁମାର ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଅମ୍ପାୟର ସୁଶାନ୍ତ କୁମାର ପ୍ରଧାନ ଓ ଆନନ୍ଦ ଚନ୍ଦ୍ର ବାରିକ ମ୍ୟାଚ ପରିଚାଳନା କରିଥିଲେ। ରାଜସୁନାଖଳା ସ୍ପୋର୍ଟ୍ସ ଆସୋସିଏସନ ଉପଦେଷ୍ଟା ରଶ୍ମିକାନ୍ତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବହିଷ୍କୃତ ସଭାପତିଙ୍କ ଦାଦାଗିରି ▸ ସମ୍ପାଦକ ଓ ଉପସଭାପତିଙ୍କୁ ବାଉଁଶମୂଳିରେ ମାଡ଼

**ନୂଆଗାଁ, ୧।୬(ସମିସ):** ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ରାଇପୁର ପ୍ରାଥମିକ କୃଷି ସମବାୟ ସମିତି ସଭାପତିଙ୍କ ଦାଦାଗିରି ଚରମ ସୀମାରେ ପହଞ୍ଚିଛି। ପ୍ୟାକ୍ସ କାର୍ଯ୍ୟାଳୟରେ କାର୍ଯ୍ୟରତ ସମ୍ପାଦକ ମଦନ ମୋହନ ପ୍ରଧାନ ଓ ଉପସଭାପତି ଗାୟତ୍ରୀ ପ୍ରଧାନଙ୍କୁ ସଭାପତି ବାଉଁଶମୂଳିରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହାର ସିସିଟିଭି ଫୁଟେଜ୍ ଭାଇରାଲ ହୋଇଛି। ଉଭୟ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେବା ସହ ନୟାଗଡ଼ ସଦର ଥାନାରେ ଏତଲା ଦେଇଛନ୍ତି।

ସୋମବାର ସକାଳେ ପ୍ୟାକ୍ସର କିଛି ପ୍ରଶାସନିକ ଓ ସମବାୟ ସମ୍ବନ୍ଧୀୟ କାର୍ଯ୍ୟ ଚାଲିଥିବା ବେଳେ ନିଲମ୍ବିତ ସଭାପତି ପ୍ରେମାନନ୍ଦ ବେହେରା ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ପ୍ରେମାନନ୍ଦ ଏକ ଠେଙ୍ଗା ଧରି ଅଫିସ ଭିତରକୁ ପଶି ଗାଳିଗୁଲଜ କରିଥିଲେ। ଏଥିସହ ଠେଙ୍ଗାରେ ସମ୍ପାଦକ ଏବଂ ଉପସଭାପତିଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସମ୍ପାଦକ ମଦନ ମୋହନ ମହାପାତ୍ର ଏବଂ ଉପସଭାପତି ଗାୟତ୍ରୀ ପ୍ରଧାନ ଆହତ ହୋଇଛନ୍ତି। ରାଇପୁର ପ୍ୟାକ୍ସରେ ଗତ କିଛିମାସ ଧରି ଧାନକ୍ରୟ ପ୍ରକ୍ରିୟାକୁ ନେଇ ଗୁରୁତର ମତଭେଦ ଦେଖାଦେଇଥିଲା। ବହିଷ୍କୃତ ସଭାପତି ପ୍ରେମାନନ୍ଦ ବେହେରା ଧାନ କିଣାବିକାରେ ଅନିୟମିତତା, ଚାଷୀଙ୍କ ସ୍ୱାର୍ଥରେ ଅବହେଳା ଓ ସମବାୟ ନିୟମ ଉଲ୍ଲଙ୍ଘନ ହୋଇଥିବା ନେଇ ପୂର୍ବରୁ ସମ୍ପାଦକଙ୍କ ବିରୋଧରେ ଅଭିଯୋଗ କରିଆସୁଥିଲେ। ଏହି ଘଟଣାକୁ ନେଇ ପ୍ୟାକ୍ସ ପରିଚାଳନା କମିଟି ମଧ୍ୟରେ ମଧ୍ୟ ବିବାଦ ଲାଗି ରହିଥିଲା। ସଭାପତି ପ୍ୟାକ୍ସରୁ ଋଣ ନେଇ ଶୁଝୁ ନ ଥିବାରୁ ତାଙ୍କୁ ପରିଚାଳନା ପରିଷଦ ବହିଷ୍କାର କରିଥିଲା। ଏହାକୁ ନେଇ ଅନେକ ବାଦବିବାଦ ରହିଥିବା ବେଳେ ପ୍ରେମାନନ୍ଦ ପ୍ୟାକ୍ସ କାର୍ଯ୍ୟରେ ବାରମ୍ବାର ହସ୍ତକ୍ଷେପ କରୁଥିଲେ। ବିଭିନ୍ନ ସମୟରେ କାର୍ଯ୍ୟାଳୟ ପରିବେଶକୁ ଅଶାନ୍ତ କରୁଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଉପସଭାପତି ଗାୟତ୍ରୀ ପ୍ରଧାନ ପରିଚାଳନା ପରିଷଦର ନିଷ୍ପତ୍ତି କ୍ରମେ ସଭାପତି ଦାୟିତ୍ୱ ତୁଲାଉଛନ୍ତି। ଏହା ଜାଣି ବହିଷ୍କୃତ ସଭାପତି ସୋମବାର ଉତକ୍ଷିପ୍ତ ହୋଇ ବାଉଁଶମୂଳି ଦ୍ୱାରା ଉପସଭାପତି ଓ ସମ୍ପାଦକଙ୍କୁ ସମିତି ପରିସରରେ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ବରକୋଳାକୁ ହରାଇ ବାହାଡ଼ାଝୋଲା ଚାମ୍ପିଅନ

**ନୂଆଗାଁ, ୧।୬(ସମିସ):** ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତରେ ଚାଲିଥିବା ମା' ଘାଗୁଡ଼ିଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ବରକୋଳା ଓ ବାହାଡ଼ାଝୋଲା ମଧ୍ୟରେ ହୋଇଥିଲା। ବାହାଡ଼ାଝୋଲା ବିଜୟୀ ହୋଇ ଚାମ୍ପିଅନ ହୋଇଛ। ଟସ୍ ଜିତି ବାହାଡ଼ାଜୋଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୦୫ ରନ୍ କରିଥିଲା। ଜବାବରେ ବରକୋଳା ୧୮୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ମା' ଘାଗୁଡ଼ିଦେବୀ କ୍ରିକେଟ କ୍ଲବ ସଭାପତି ସଞ୍ଜୀବ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ କାପ୍ତାପଲ୍ଲୀ ସରପଞ୍ଚ ସୁଧୀର ସାମନ୍ତରାୟ, ଆୟୋଜକ କ୍ଲବ ମ୍ୟାନେଜର ବାସୁଦେବ ବେହେରା, ବେତନଟୀ ମାଳ ଉପସଭାପତି କବିରାଜ ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ନିବାସ ବେହେରା ଓ ମାନସ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।

## ଶିବବିବାହ ପାଇଁ ଚଳିଲା ଗୁଆ ନିମନ୍ତ୍ରଣ



**ଗଣିଆ, ୧।୬(ସମିସ):** ଜୁନ୍ ୧୮ ତାରିଖ ଶିବ ବିବାହ ଏବଂ ୧୯ ତାରିଖ ଶୀତଳଷଷ୍ଠୀ ପାଳନ କରାଯିବ। ଗଣିଆ ଶିବମନ୍ଦିର ପରିଚାଳନା କମିଟି ତରଫରୁ ବୈଠକ କରାଯାଇ ଆଡ଼ମ୍ବରରେ ଶିବବିବାହ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ବର ପିତାମାତା ଭାବେ ଧୂଆଁମଡ଼ା ଗ୍ରାମର ଜିତେନ୍ଦ୍ର କୁମାର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ବିଷ୍ଣୁପ୍ରିୟା ସାହୁ ଏବଂ କନ୍ୟା ପିତାମାତା ଭାବେ ଗଣିଆ ଥୋଡ଼ିଆସାହିର ସରୋଜ କୁମାର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ରଞ୍ଜୁଲତା ସାହୁ ମନୋନୀତ ହୋଇଛନ୍ତି। ଉଭୟ ପକ୍ଷ ଆଜି ମନ୍ଦିରରେ ଉପସ୍ଥିତ ରହି ଗୁଆ ନିମନ୍ତ୍ରଣ କାର୍ଯ୍ୟ ସମାପନ କରିଛନ୍ତି। ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ଗୁଆ, ନଡ଼ିଆ ସମର୍ପଣ କରିଥିଲେ। ଆଜିଠାରୁ ଉଭୟ ପକ୍ଷ ନିଷ୍ଠାର ସହ ରହିବେ ଏବଂ ୧୮ ତାରିଖ ବିବାହ କାର୍ଯ୍ୟ ସମ୍ପାଦନ ହେବ ବୋଲି ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ପ୍ରଭାତ କୁମାର ଦାଶ, ସରୋଜ କୁମାର ଦାଶ, ପୁରୋହିତ ବିଶ୍ୱେଶ୍ୱର ମିଶ୍ର, ମନ୍ଦିର ପୂଜକ ବିଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ରତା ହରାଉଛି ୫୧ ବର୍ଷର ବାହାଡ଼ାଝୋଲା ହାଟ

**ନୟାଗଡ଼/ନୂଆଗାଁ, ୧।୬(ସମିସ)**







ଓଡ଼ିଶାରେ ସବୁଠାରୁ ବଡ଼ ଗୋରୁହାଟ ଭାବେ ପରିଚିତ ଜଙ୍ଗଲ ପାହାଡ଼ ଘେରା ବାହାଡ଼ାଝୋଲା ଗୋରୁହାଟ ତା'ର ସ୍ୱତନ୍ତ୍ରତା ହରାଇବାକୁ ବସିଲାଣି। ଦିନଥିଲା ଏହି ଶହେ ବର୍ଷର ଗୋରୁହାଟକୁ ଦେଖିଲେ ଯେ କେହି ଆବାକ୍ ହୋଇଯାଉଥିଲା। ନୟାଗଡ଼, ବୌଦ୍ଧ ଓ ଗଞ୍ଜାମ ଜିଲ୍ଲାର ଚାଷୀମାନେ ଏହି ଗୋରୁହାଟ ଉପରେ ନିର୍ଭର କରୁଥିଲେ। ଗାଈ, ବାଛୁରୀଠାରୁ ଆରମ୍ଭ କରି ଚାଷ ପାଇଁ ବଳଦ ପର୍ଯ୍ୟନ୍ତ ଏଠାରେ ସବୁ କିଣାବିକା ହେଉଥିଲା। ମାତ୍ର ଏବେ ପଶ୍ଚିମବଙ୍ଗ ବେପାରୀ ଏବଂ ଦଲାଲମାନେ ହାଟକୁ ନ ଆସି ସିଧାସଳଖ ଚାଷୀଙ୍କଠାରୁ କିଣି ଲୁଚାଛପାରେ କାରବାର କରୁଥିବାରୁ ବାହାଡ଼ାଝୋଲା ହାଟରେ ଛେଳି, ମେଣ୍ଢା ଭିଡ଼ ଦେଖାଯାଉଛି।

ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲାରେ ପ୍ରତ୍ୟେକ ଗୁରୁବାର ହାଟ ବସେ। ପ୍ରଥମେ ପଞ୍ଚାୟତ ଅଧୀନରେ ଥିବା ଏହି ଗୋରୁହାଟ ୧୯୭୫ରେ ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର କମିଟି ତଥା ଆରଏମସି ଅଧୀନକୁ ଆସିଥିଲା। ବାହାଡ଼ାଝୋଲା ପଞ୍ଚାୟତର ୪୦ ପ୍ରତିଶତ ଓ ଆରଏମସିର ୬୦ ପ୍ରତିଶତ ମାଲିକାନାରେ ଏବେ ହାଟ ହେଉଛି। ଆରଏମସି ଅଧୀନରେ ୧୧୪ଟି ଦୋକାନ ଗୃହ ରହିଛି। ତାହା ମଧ୍ୟରେ ଚାଳି ଦୋକାନଠାରୁ ଆରମ୍ଭ କରି ଆଜବେଷ୍ଟ ଛପର, ଛାତ ଘର ଦୋକାନ ମଧ୍ୟ ରହିଛି। ଏହି ଦୋକାନଗୁଡ଼ିକ ମାସିକ ଭଡ଼ା ସୂତ୍ରରେ ଲାଗିଛି। ଅନେକ ଲୋକ ଆରଏମସିରୁ ଦୋକାନ ଗୃହ ଭଡ଼ାରେ ନେଇ ଅଧିକ ଟଙ୍କାରେ ଅନ୍ୟକୁ ଭଡ଼ା ଦେଇଥିବା ଦେଖାଯାଉଛି। ଏହା ଉପରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାସହ ତଳେ ବସି ପନିପରିବା ବ୍ୟବସାୟ କରୁଥିବା ଅସ୍ଥାୟୀ ଦୋକାନଗୁଡ଼ିକରୁ ମଧ୍ୟ ଭଡ଼ା ଆଦାୟ ହେଉଛି। ନୟାଗଡ଼ ସଦରମହକୁମାଠାରୁ ୨୫ କିଲୋମିଟର ତଥା ଓଡ଼ଗାଁ ଏନଏସିଠାରୁ ୯ କିଲୋମିଟର ଦୂରରେ ଅବସ୍ଥିତ ଏହି ହାଟ ଉପରେ ସ୍ଥାନୀୟ ଲୋକେ ନିର୍ଭର କରୁଛନ୍ତି। ଶହଶହ ବ୍ୟବସାୟୀ ଏବଂ ହଜାର ହଜାର କ୍ରେତାଙ୍କୁ ନେଇ ଦୀର୍ଘବର୍ଷ ହେବ ଚାଲି ଆସୁଥିବା ଏହି ହାଟର ସ୍ୱତନ୍ତ୍ରତା ହେଉଛି ଗୋରୁ ବ୍ୟବସାୟ। ମାତ୍ର କିଛି ଦଲାଲ ଏବଂ ଗୋଚାଲାଣକାରୀଙ୍କ ପାଇଁ ଏହି ହାଟର ସ୍ୱତନ୍ତ୍ରତା ନଷ୍ଟ ହୋଇଛି। ଦିନଥିଲା ଚାଷୀମାନେ ଏହି ହାଟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲେ। କଳନଙ୍ଗଳ ନ ଥିବାରୁ ଚାଷ କାର୍ଯ୍ୟ ବଳଦ କିମ୍ବା ମଇଁଷୀ ଦ୍ୱାରା କରାଯାଉଥିଲା। ଏଣୁ ଜ୍ୟେଷ୍ଠ ମାସ ପୂର୍ବରୁ ଚାଷୀମାନେ ଗୋରୁ ହାଟକୁ ଆସି ନିଜ ମନପସନ୍ଦର ବଳଦ କିଣିଥାନ୍ତି ଏବଂ ଧାନ ଅମଳ କରିସାରିବା ପରେ ପୁଣି ଆଣି ହାଟରେ ବିକ୍ରି କରନ୍ତି। ଏଭଳି ପ୍ରତିବର୍ଷ ଚାଷୀମାନେ କିଣାବିକା କରିଥାନ୍ତି। ହଳ ନେବାକୁ ଚାଷୀମାନେ କୋଶ କୋଶ ବାଟ ଚାଲି ଆସିଥାନ୍ତି ବୋଲି ଅଞ୍ଚଳବାସୀ କୁହନ୍ତି।

ଏବେ ନାଁ ହଳ ଅଛି, ନାଁ କାରବାର ହେଉଛି। ସର୍ବପୁରାତନ ଗୋରୁ ହାଟ ନିଶ୍ଚିହ୍ନ ହେବାକୁ ବସିଛି। ଗୋରୁଙ୍କୁ ଦଲାଲଙ୍କ ଜରିଆରେ ବାହାରୁ ବାହାରୁ ବିକ୍ରି ହେଉଥିବାରୁ ଆରଏମସିକୁ କମିଶନ ମଧ୍ୟ ମିଳୁନାହିଁ। ଗୋରୁ କିଣାବିକାରେ ୧.୨୫ ପ୍ରତିଶତ କମିଶନ ଆରଏମସି ପାଇ ପାରୁନାହିଁ। ଅନ୍ୟପକ୍ଷେ, ଏହି ହାଟକୁ ରୂପାନ୍ତରଣ ତଥା ଆକର୍ଷଣୀୟ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର କମିଟି ପ୍ରଥମେ ଏହି ସ୍ଥାନରୁ କାର୍ଯ୍ୟ ଆରମ୍ଭ କରିଥିଲା। ଏହା ପରବର୍ତ୍ତୀ ସମୟରେ ଆରଏମସି ଭାବେ କାର୍ଯ୍ୟକାରୀ କରି ଜିଲ୍ଲାର ବିଭିନ୍ନ ସ୍ଥାନରେ ହାଟ, ବଜାର ସୃଷ୍ଟି କରିଛି। ଆରଏମସି ଦ୍ୱାରା ଅନେକ ବିକାଶ ମୂଳକ କାର୍ଯ୍ୟ ଜିଲ୍ଲାରେ କରାଯାଉଥିବା ବେଳେ ମୂଳ ପୀଠକୁ ଅଣଦେଖା କରାଯାଉଛି। ହାଟକୁ ଆସୁଥିବା ଚାଷୀ, କ୍ରେତା ଓ ବ୍ୟବସାୟୀଙ୍କ ପାଇଁ କୌଣସି ସୁବିଧା ନାହିଁ। ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଚାଲୁଥିବା ହାଟଗୁଡ଼ିକ ଏବେ ଲୋପ ପାଇବାକୁ ବସିଥିବା ବେଳେ କେବଳ ଗଣିଆ ଓ ବାହାଡ଼ାଝୋଲା ହାଟ ପ୍ରତ୍ୟେକ ସପ୍ତାହରେ ଅନୁଷ୍ଠିତ ହେଉଛି। ମାତ୍ର ଶହେ ବର୍ଷର ହାଟ ଉପରେ ଅଞ୍ଚଳର ହଜାର ହଜାର ଜନସାଧାରଣ ନିର୍ଭର କରୁଥିବା ବେଳେ ତାହା ଏବେ ବୁଡ଼ିବାକୁ ବସିଲାଣି। ଆଗ ଭଳି ଚାଷୀଙ୍କୁ ହାଟରେ ଦେଖିବାକୁ ମିଳୁ ନ ଥିବା ବେଳେ ପୂର୍ବଭଳି ଗାଈଗୋରୁ ଆସୁ ନ ଥିବା ଦେଖିବାକୁ ମିଳିଛି। ପ୍ରଶାସନ ଏଥିପ୍ରତି ଆଖି ବୁଜି ଅଣଦେଖା କରୁଥିବାରୁ ଚାଷୀକୁଳ ହତାଶ ହେବା ସହ ଏକ ବୃହତ ହାଟର ଦୀପ ଲିଭିଯିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

▸▸ ବିକାଶ ପାଇଁ ଯୋଜନା ନାହିଁ
▸▸ ସୁବିଧା ନାହିଁ, ଲାଭ ଖାଉଛି ଆରଏମସି
▸▸ ଭଡ଼ା ନେଇ ଭଡ଼ାରେ ଲାଗିଛି ଦୋକାନ

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଟାଙ୍ଗୀ, ୧।୬ (ସମିସ) : ବରିଷ୍ଠ ନାଗରିକ ମଞ୍ଚ ଚାନ୍ଦପୁର ଅଞ୍ଚଳର ସ୍ୱଚ୍ଛତା, ରାସ୍ତାର ପ୍ରଶସ୍ତିକରଣ, ସ୍ୱାସ୍ଥ୍ୟ ସୁରକ୍ଷା ସହିଁତ ପରିବହନ ଓ ଗମନା ଗମନର ସୁବ୍ୟବସ୍ଥା ପାଇଁ ପଦକ୍ଷେପ ନେବ ବୋଲି ଚାନ୍ଦପୁର ବରିଷ୍ଠତା ନାଗରିକ ମଞ୍ଚ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଚାନ୍ଦପୁର ରାସବିହାରୀ ମନ୍ଦିର ପରିସରରେ ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ କିଶୋର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ର, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ସହସଂପାଦକ ନିମାଇଁ ଚରଣ ସାହୁ କୋଷାଧ୍ୟକ୍ଷ ପଦ୍ମଚରଣ ସେଠୀଙ୍କ ସମେତ ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ରହି ଚଳିତ ବର୍ଷ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ପର୍ବ କରାଯାଇଥିଲା। ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ ମାନଙ୍କୁ ସୁରକ୍ଷା କର୍ମୀ ମାନଙ୍କର ଅଶାଳୀନ ବ୍ୟବହାର ଏବଂ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ, ତାର ନିରାକରଣ ନିମନ୍ତେ, ଚାନ୍ଦପୁର ଟାଙ୍ଗୀ ଜାତୀୟରାଜପଥ ଭିତରେ ଯାତ୍ରୀବାହୀ ବସ ନ ଯାଉଥିବାରୁ, ପରିବା ବଜାର ର ପଚାସଢା ଜିନିଷ କୁ ଡିଭାଇଡ଼ର ଉପରେ ପକାଇବା ଫଳରେ ଦୁର୍ଗନ୍ଧ, ଗାଡି ଯାତାୟାତରେ ବିଶୃଙ୍ଖଳା ସହିତ ସ୍ୱଚ୍ଛତା କାର୍ଯ୍ୟକୁ ଅଣଦେଖା କରାଯାଉଥିବାରୁ ଏହାକୁ ସମାଲୋଚନା କରାଯାଇଥିଲା। ଅଶି ବର୍ଷରୁ ଅଧିକ ବୃଦ୍ଧା ବୃଦ୍ଧ, ଏବଂ ଭିନ୍ନକ୍ଷମ ମାନେ ମାସିକ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ମଧ୍ୟ ଆସିଥିଲା। ସମସ୍ତ କାର୍ଯ୍ୟର ସୁବ୍ୟବସ୍ଥା ପାଇଁ ପଦାଧିକାରୀ ମାନଙ୍କୁ ଜଣାଇବାପରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନଯାଏ ତେବେ ବରିଷ୍ଠ ନାଗରିକ ମଞ୍ଚ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସ୍ଥିର ହୋଇଥିବା ଜଣାପଡିଛି।

# ଅଗ୍ନିକାଣ୍ଡରେ ଜଳିଗଲା ବିଦ୍ୟୁତ୍ କେବୁଲ

ଖୋର୍ଦ୍ଧା,୧।୬(ସମିସ): ଖୋର୍ଦ୍ଧା ସହରର ଟିଏଲ୍‌ସି ରୋଡ (ବିଡ଼ିଏ କଲୋନୀ କଲ୍ୟାଣ ମଣ୍ଡପ ରୋଡ) ରେ ଥିବା ଏକ ଖୋଲା ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ ଘଟି କେବଲ ହୁତୁହୁତୁ ହୋଇ ଜଳିଗଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଉଭୟ ଦମକଳ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଁଚି ଅଗ୍ନିକାଣ୍ଡକୁ ଆୟତ କରି ଏକ ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦେଇଛନ୍ତି। ଏହି ଖୋଲା ଟ୍ରାନ୍ସଫର୍ମର ତଳେ କୁଢ଼ କୁଢ଼ ଅଳିଆ ଗଦା ହୋଇ ରହିଛି। ପୌରପରିଷଦ ଏହି ଅଳିଆ ଆବର୍ଜନା ପରିଚାଳନା



କରିବାରେ ଅବହେଳା ପ୍ରଦର୍ଶନ କରୁଛି। କେହି ଅଳିଆ ଗଦା କଡରେ ନିଆଁ ଲଗାଇ ଦେବାରୁ ତଳୁ ଉପରକୁ ଜଳି ଯାଇଛି ବୋଲି ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଁଚି ତଦନ୍ତ ସମୟରେ ଜାଣିବାକୁ ପାଇଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ମତରେ ଓଭର ଲୋଡ୍ ଯୋଗୁ କେବଲ ଜଳିଗଲା। ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ମିଟର୍ ଦୂରରେ ଥିବା ଏହି ଟ୍ରାନ୍ସଫର୍ମରକୁ ଏ ପର୍ଯ୍ୟନ୍ତ ଆବଦ୍ଧ କରାଯାଇ ନାହିଁ।

# ଖୋର୍ଦ୍ଧାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

## ୮୫ ଅଭିଯୋଗରୁ ୧୨ ସାମୁହିକ



ଖୋର୍ଦ୍ଧା,୧।୬(ସମିସ): ଚଳିତ ମାସର ପ୍ରଥମ ସୋମବାର ଖୋର୍ଦ୍ଧା ପଂଚାୟତ ସମିତିର ଅଭିଯୋଗ ଶୁଣାଣୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିତ୍ ପୁରୁଷୋତମ ଦାସ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ପେନସନ, ଭତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିଦ୍ୟୁତ ସମସ୍ୟା, ପାଣି ସମସ୍ୟା ଭଳି ମୋଟ ୮୫ଟି ବିଭିନ୍ନ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୭୩ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ମାତ୍ର ୧୨ଟି ସାମୁହିକ ଥିଲା। ଘଟଣାସ୍ଥଳରେ ୧୪ଟି ଅଭିଯୋଗ ର ତତ୍କାଳ ସମାଧାନ କରାଯାଇଥିଲା। ଚିକିତ୍ସା ନିମନ୍ତେ ବାଣପୁର ବ୍ଲକ୍ କୁମାଣ୍ଡୋଳା ଗ୍ରାମ ପଂଚାୟତ ର ଅଭିଯୋଗ କାରୀ ମଞ୍ଜୁ ବେହେରାଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୧୫ ହଜାର ଏବଂ ଖୋର୍ଦ୍ଧା ଗୁରୁଜଙ୍ଗ ର ଛବି ଦାସଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ୧୫ ହଜାରକୁ ନେଇ ମୋଟ ୩୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ଜିଲ୍ଲାପାଳ ପ୍ରଦାନ କରିଥିଲେ। ଅନଲାଇନ ରେ ଆସୁଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଗୁଡିକୁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନବାନ ହୋଇ ସେଗୁଡିକୁ ତୁରନ୍ତ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର, ଅତିରିକ୍ତ ତହସିଲଦାର ଡି.ଗୋପାଳ ରେଡି, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଟିକମ ଦଳେଇ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଦୁଇ ବର୍ଷ ବିତିଲା; ସରିଲାନି ବାଲୁଗାଁ ମୁଖ୍ୟ ରାସ୍ତା ସମ୍ପ୍ରସାରଣ କାମ



ବାଲୁଗାଁ,୧।୬(ସମିସ) : ଏସିଆ ମହାଦେଶର ସର୍ବବୃହତ ଲବଣାକ୍ତ ହ୍ରଦ ନିଳାମ୍ବୁ ଚିଲିକା ପାଦଦେଶରେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ସହର ଅବସ୍ଥିତ। ତେଣୁ ବାଲୁଗାଁ ସହର ଏକ ପର୍ଯ୍ୟଟନ ସ୍ଥଳ ସହ ଏକ ବାଣିଜ୍ୟିକ ପେଣ୍ଠସ୍ଥଳ ଭାବେ ବେଶ ପରିଚିତ। ଦୈନନ୍ଦିନ ଏଠାକୁ ହଜାର ହଜାର ବ୍ୟବସାୟୀ, ପର୍ଯ୍ୟଟକ ଓ ଜନସାଧାରଣଙ୍କ ସମେତ ବହୁ ସଂଖ୍ୟାରେ ଯାନବାହାନ ଯାତାୟାତ ଲାଗି ରହୁଛି। ସାମ୍ପ୍ରତିକ ପରିସ୍ଥିତିରେ ଜନ ସଂଖ୍ୟା ବୃଦ୍ଧି ଓ ଯାନବାହାନର ବହୁଳ ବ୍ୟବହାର ଯୋଗୁଁ ସହର ବଜାରରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏହାକୁ ନଜରରେ ରଖି ପୂର୍ବ ବିଜେଡି ସରକାରଙ୍କ ସମୟରେ ଯାତାୟାତକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ୨୦୨୩ ମସିହାରେ ପୂର୍ତ୍ତ ବିଭାଗ ପକ୍ଷରୁ ବାଲୁଗାଁ ସହର ମଧ ଦେଇ ଯାଇଥିବା ପୁରୁଣା ୫ ନମ୍ବର ଜାତୀୟ ରାଜପଥକୁ ଚାରି ଲାଇନ ବିଶିଷ୍ଟ ରାସ୍ତା କରିବା ପାଇଁ ରାଜପଥର ଭଗବତୀ ପାଟଣା ଠାରୁ ବଡକୂଳ ପର୍ଯ୍ୟନ୍ତ ୮ କିଲୋମିଟର ରାସ୍ତାର ସମ୍ପ୍ରସାରଣ ପାଇଁ ୨୫ କୋଟି ୬୮ ଲକ୍ଷ ଟଙ୍କାର ବ୍ୟୟବରାଦ ଅଟକଳ କରାଯାଇ ଟେଣ୍ଡର କରାଯାଇ ଥିଲା। ଏ ନେଇ ଖୋର୍ଦ୍ଧା ରାସ୍ତା ଓ ଗୃହ ବିଭାଜନ ପକ୍ଷରୁ ୨୦୨୪ ମସିହାରେ ନବରଙ୍ଗ ପୁରର ଜେଏମବିଜି କନର୍ଷ୍ଟକ୍‌ସନ କମ୍ପାନୀକୁ ୧୮ କୋଟି ୮୭ ଲକ୍ଷ ୮୦ ହଜାର ଟଙ୍କାରେ କାର୍ଯ୍ୟାଦେଶ ଦିଆ ଯାଇ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇ ଥିଲା। ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ବାଲୁଗାଁ କାର୍ଯ୍ୟାଳୟ ଏହି କାର୍ଯ୍ୟର ତଦାରଖ କରୁଥିବା ବେଳେ କାର୍ଯ୍ୟାଦେଶ ଅନୁଯାଇ ୨୦୨୪ ମାର୍ଚ୍ଚ ମାସ ୧୫ତାରିଖରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୫ ଫେବୃଆରୀ ମାସ ୧୪ତାରିଖରେ କାମ ଶେଷ ହେବାର ଥିଲା। ହେଲେ ଦୁଃଖ ପରିତାପର ବିଷୟ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁଁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବାର ଦୁଇ ବର୍ଷ ବିତିଲାଣି ହେଲେ କାମ ଏଯାବତ ସରିଲା ନାହିଁ। କାର୍ଯ୍ୟର ଅବଧି ସରିବାର ବର୍ଷେରୁ ଅଧିକ ସମୟ ବିତି ଯାଇ ଥିଲେ ମଧ୍ୟ ଏଯାବତ ଶେଷ ହୋଇ ନାହିଁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ। ସରଳସିଂ ଠାରୁ ବାଲୁଗାଁ ମାମୁଁଭଣଜା ପାହାଡ ପର୍ଯ୍ୟନ୍ତ ଏବଂ ବଡକୁଳ ଠାରୁ ଇଞ୍ଜନପୁର ପର୍ଯ୍ୟନ୍ତ ରାସ୍ତା କାମ ପ୍ରାୟତଃ ଶେଷ ହୋଇ ଯାଇ ଥିବା ବେଳେ ମୁଖ୍ୟତଃ ବାଲୁଗାଁ ବଜାର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ

## ଉପୁଜୁଛି ଟ୍ରାଫିକ ସମସ୍ୟା, ଘଟୁଛି ଦୁର୍ଘଟଣା

ଗତ ୨ବର୍ଷ ହେବ ଚାଲୁ ରହିଛି। ପୂର୍ତ୍ତ ବିଭାଗ ଓ କାମ ନେଇଥିବା ଠିକାଦାରଙ୍କ ଅବହେଳା ଯୋଗୁଁ ଏଯାବତ୍ ବାଲୁଗାଁ ମାମୁଁଭଣଜା ପାହାଡ଼ ଠାରୁ ଇଞ୍ଜନପୁର ପର୍ଯ୍ୟନ୍ତ ୩ କିମି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ମଧ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ ବାଲୁଗାଁ ବଜାର ମୁଖ୍ୟ ରାସ୍ତା ସାରା ଖାଲଖମା ହୋଇ ପଡି ଥିବା ସହ ସହର ବଜାର ସାରା ଧୂଳି ଧୂସର ଉଡି ପରିବେଶ ପ୍ରଦୂଷିତ ହୋଇ ଲୋକେ ହଇରାଣ ହରକତ ହେଉଛନ୍ତି। ବିଭାଗର ଅବହେଳା ଓ ଠିକାଦାରଙ୍କ ମନଇଛା କାର୍ଯ୍ୟ ଯୋଗୁଁ ନିର୍ମାଣ ଲାଗି କେଉଁଠି ପିଏଚଡି ବିଭାଗ ପକ୍ଷରୁ ପାଣି ପାଇପ ଲାଇନ ମରାମତି ପାଇଁ ତ ଆଉ କେଉଁଠି ଶଂଖ ନିର୍ମାଣ ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଖୋଲି ବଡ ବଡ ଗର୍ତ୍ତ ମାନ କରି ବହୁଦିନ ଧରି ପକାଇ ରଖି ନିର୍ମାଣ ଶେଷ କରୁ ନ ଥିବାରୁ ଯାତାୟାତରେ ଘୋର ବ୍ୟଘାତ ସୃଷ୍ଟି ହୋଇ ସଦା ସର୍ବଦା ଟ୍ରାଫିକ ସମସ୍ୟା ଦେଖା ଦେବା ସହ ଛୋଟ ବଡ ଦୁର୍ଘଟଣା ମାନ ଘଟୁଛି। ବିଶେଷ କରି ବର୍ତ୍ତମାନ ରାସ୍ତା ସମ୍ପ୍ରସାରଣ କାମ ଲାଗି ବାଲୁଗାଁ ବଜାର ସ୍ଥିତ ପେଟ୍ରୋଲ ପମ୍ପର ଅନତିଦୂରସ୍ଥିତ ଏକ ଶଙ୍ଖ ଉପରେ ଯାତାୟାତ ପାଇଁ ମାତ୍ର ୧୦ ଫୁଟ ର ରାସ୍ତା ଛାଡି ଶଂଖ ଟିକୁ ଭାଙ୍ଗି ଦେଇ ଠିକାଦାର ଦୁଇ ମାସ ହେବ ଖୋଲି ବିରାଟ ଗର୍ତ୍ତ କରି ବିପଦପୂର୍ଣ୍ଣ ଅବସ୍ଥାରେ ପକାଇ ରଖି ଶଙ୍ଖ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲି ଥିବାରୁ ନିର୍ମାଣାଧୀନ ଶଙ୍ଖରୁ ମାଟି ଧସି ଯାଇ ଶଙ୍ଖ ସଂଲଗ୍ନ ଯାତାୟାତ ପାଇଁ ଏକମାତ୍ର ଅଣଓସାରିଆ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଫଳରେ ଉକ୍ତ ଅଣଓସାରିଆ ରାସ୍ତାରେ ସଦା ସର୍ବଦା ଟ୍ରାଫିକ ସମସ୍ୟା ଉପୁଜି ଉକ୍ତ ଶଂଖର ଦୁଇ ପାଶ୍ୱର୍ରେ ଶହ ଶହ ଯାନବାହାନ ଧାଡି ହୋଇ ଲମ୍ବା ଲାଇନ ଲଗାଇ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ଅନ୍ୟପକ୍ଷେ ଶଙ୍ଖ ନିର୍ମାଣ ସ୍ଥଳର ଉଭୟ ପାଶ୍ୱର୍ରେ ଜନସାଧାରଣଙ୍କ ଅବଗତ ନିମନ୍ତେ କୌଣସି ସତର୍କତାମୂଳକ ସୁଚନା ଫଳକ ଲଗାଯଇ ନାହିଁ। ଫଳରେ ପଥଚାରୀଙ୍କ ଠାରୁ ଆରମ୍ଭ କରି କେତେକ ଦୁଇ ଚକିଆ ଯାନବାହନ ଉକ୍ତ ନିର୍ମାଣାଧୀନ ଶଙ୍ଖ ଖାଲରେ ପଡ଼ି ଲୋକେ ଆହତ ହେଉଥିବା ନଜିର ରହିଛି। ଏପରିସ୍ଥଳେ ଗତ କିଛିଦିନ ପୂର୍ବେ ରାତି ସମୟରେ ସ୍ଥାନୀୟ ସିଙ୍ଗେଶ୍ୱର ଗ୍ରାମର ଗାଣ୍ଡୁ ଜେନା ଏକ ସ୍କୁଟି ଯୋଗେ ସେହି ରାସ୍ତା ଦେଇ ଯାଉଥିବା ବେଳେ ଉକ୍ତ ଶଂଖ ଖାଲରେ ପଡ଼ି ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦାବି କରି ଥିଲେ। ଖବରପାଇ ସ୍ଥାନୀୟ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ତେବେ ବିଭାଗ ଓ ଠିକାଦାରଙ୍କ ଅବହେଳା ଓ ଦାୟୀତ୍ୱ ହୀନତା ଯୋଗୁଁ ଏଭଳି ଦୁର୍ଘଟଣା ମାନ ଘଟୁଥିଲେ ମଧ୍ଯ ଏଥି ପ୍ରତି ଦୃଷ୍ଟି ନଦେଇ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଗଣେଶ ନାୟକଙ୍କୁ ପଚାରିବାରେ ଠିକାଦାରଙ୍କୁ ତାଗିଦ କରାଯାଇଛି, ଖୁବ୍‌ଶୀଘ୍ର ଶଙ୍ଖ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି କହିଥିବା ବେଳେ ପ୍ରାୟତଃ କାମ ସରିଛି, ଆଉ ସ୍ୱଳ୍ପ ଦିନ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି କାମ ନେଇଥିବା ଜେଏମବିଜି କନର୍ଷ୍ଟକ୍‌ସନ କମ୍ପାନୀ ମ୍ୟାନେଜର କହିଛନ୍ତି। ତେବେ ଚିଲିକା ବିଧାୟକ ଖୋଦ ପୂର୍ତ୍ତ ବିଭାଗର ମନ୍ତ୍ରୀ ଥିବା ବେଳେ ତାଙ୍କ ନିଜ ନିର୍ବାଚନମଣ୍ଡଳୀର ପ୍ରମୁଖ ସହର ବାଲୁଗାଁର ମୁଖ୍ୟ ରାସ୍ତା ନିର୍ମାଣ କାମ ଏପରି ଅବହେଳିତ, ତେବେ ଅନ୍ୟ କେଉଁଠି କିପରି କାମ ଚାଲିଥିବ, ତାହା ଅନୁମେୟ। ତେବେ କେବେ ସରୁଛି ରାସ୍ତା କାମ, ଆଉ କେବେ ଅସୁବିଧାରୁ ମୁକ୍ତି ପାଇବେ ସହର ବାସୀ ତାହା ଦେଖିବାକୁ ବାକି ରହିଲା।

# ରେଳଧାରଣାରୁ ଅଜଣା ଯୁବକର ମୃତ ଦେହ ଉଦ୍ଧାର

ବାଲୁଗାଁ,୧।୬(ସମିସ): ଖୋର୍ଦ୍ଧା ରୋଡ଼ ରେଳ ଡ଼ିଭିଜନ ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେସନ ଓ ସୋଲରି ରେଳ ଷ୍ଟେସନ୍ ମଧ୍ୟ ଭାଗ ଧଉଆଁଳ ନିଗଟ ରେଳଧାରଣରେ ରବିବାର ରାତ୍ରରେ କୌଣସି ଟ୍ରେନ୍‌ରୁ ଖସି କିମ୍ବା ଧକ୍କାରେ ଜଣେ ଅଜଣା ଯୁବକ ମୃତ୍ୟୁବରଣ କରିଥିବା ସୁଚନା ମିଳିଛି। ମୃତ ଯୁବକଙ୍କ ପରିଚୟ ମିଳି ପାରି ନଥିବା ବେଳେ ମୃତଦେହକୁ ରେଳବାଇ ପୁଲିସ୍ ଜବତ କରି ବ୍ୟବେଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୋମବାର ସକାଳ ସମୟରେ ବାଲୁଗାଁ ରେଳ ଷ୍ଟେସନ ମାଷ୍ଟରଙ୍କଠାରୁ ଖବର ପାଇ ନିରାକାରପୁର ରେଳବାଇ ଅଧିକାରୀ ଦିଲ୍ଲିପ କୁମାର ସାହୁ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଜିଆରପି ଅଧିକାରୀ ଶ୍ରୀ ସାହୁ ଶବକୁ ଜବତ କରି ଏ ସଂର୍କାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଅବ୍ୟାହତ ରଖିଛନ୍ତି। ମୃତ ଯୁବକଙ୍କ ପରିଚୟ ମିଳି ପାରି ନଥିବା ସ୍ଥଳେ ତାଙ୍କର ଆନୁମାନିକ ବୟସ ପ୍ରାୟ ୩୫ ରୁ ୩୮ ବର୍ଷ ହୋଇଥିବା ଜଣା ପଡିଥିବା ସହ ସେ ନୀଳ ରଂଗର ଫୁଟୁ ଫୁଟିଆ ହାପ୍ ପ୍ୟାଣ୍ଟ ଓ କଳା ରଂଗର ଟି-ସାର୍ଟ ପରିଧାନ କରିଥିବା ଦେଖିବାକୁ ମିଳିଛି।

# କୁରାଢ଼ିଲୋରେ ମୁକ୍ତମଞ୍ଚ ନାଟକ ଉଦ୍‌ଯାପିତ

ବେଗୁନିଆ,୧।୬ (ସମିସ): ବେଗୁନିଆ ବ୍ଲକ ପଙ୍ଗାରସିଂହ ଅନ୍ତର୍ଗତ କୁରାଢିଲୋ ଗ୍ରାମର ଗୋପୀନାଥ ଜୀଉ ନାଟ୍ୟ ସଂସଦ ପକ୍ଷରୁ ଦୁଇ ଦିନ ଧରି ଚାଲିଥିବା ବିଂଶତମ ବାର୍ଷିକ ମୁକ୍ତମଞ୍ଚ ନାଟକ ଉଦ୍‌ଯାପିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଚିନ୍ତାମଣି ଲେଙ୍କାଙ୍କ ଅଧ୍ୟକ୍ଷତା ଓ ବୀରେନ୍ଦ୍ର ଲେଙ୍କାଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ଜୟସିଂହ,ବସନ୍ତ କୁମାର ପ୍ରଧାନ ଓ ସଦାଶିବ ବରିଶଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନାଟକ ସମାଜ ପରିବର୍ତ୍ତନରେ ଉପଦେଶ ଭିତ୍ତିକ ବାର୍ତ୍ତା ପ୍ରଦାନରେ ସକ୍ଷମ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ପ୍ରାରମ୍ଭରେ ଦେବରାଜ ଲେଙ୍କା ବାର୍ଷିକ ବିବରଣୀ ପ୍ରଦାନ କରିଥିବା



ବେଳେ ପ୍ରସନ୍ନ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ନିହାର ରଞ୍ଜନ ପଣ୍ଡାଙ୍କ ନାଟ୍ୟ ନିର୍ଦ୍ଦେଶନାରେ "ପୁଅ ଜନ୍ମ କରି ପାପ କରିଛି" ନାଟକ ପରିବେଷଣ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ଶିକ୍ଷାବିତ୍ ବୀରେନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା,ପୂର୍ବତନ ସରପଞ୍ଚ ସରୋଜ କୁମାର ମହାପାତ୍ର, ନାରୀ ନେତ୍ରୀ ପ୍ରମିଳା ଲେଙ୍କା ଓ ସମାଜସେବୀ ଅଜୟ କୁମାର ରାଉତ ଓ ବାଙ୍କନିଧି ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ "ତୁ ବୋଧେ ମୋ ଭାଗ୍ୟରେ ନାହୁଁ" ନାଟକରେ ଅତିଥି କଳାକାର ଓ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

# ବନଦୁର୍ଗା ପୀଠରେ ବନ୍ଧୁମିଳନ



ବେଗୁନିଆ,୧।୬ (ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ କାନପୁର ଗ୍ରାମସ୍ଥିତ ଆରାଧ୍ୟ ଦେବୀ ମା' ବନଦୁର୍ଗାଙ୍କ ପୀଠରେ ସମାଜସେବୀ ଡ. ବିଦ୍ୟାଧର ମହାରଣାଙ୍କ ଆବାହକତ୍ୱରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସମାଜସେବୀ ଆଲୋକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ୱାର୍ଡସଭ୍ୟ ଶ୍ରୀବତ୍ସ ପାଣିଗ୍ରାହୀ, ପବିତ୍ର କୁମାର ବେହେରା, ଦିଲ୍ଲୀପ ପାଣିଗ୍ରାହୀ, ହରିହର ସାହୁ, ସୁଧାଂଶୁ ଶେଖର ମିଶ୍ର, ରାଜ କିଶୋର ସାହୁ, ଅଜୟ ସ୍ୱାଇଁ, ବିକ୍ରମ ପଣ୍ଡା, ରବୀନ୍ଦ୍ର ମହାପାତ୍ର, ହରେକୃଷ୍ଣ ଦାଶ,ନୀଳକଣ୍ଠ ବାରିକ, ଦୀପ୍ତି ରଞ୍ଜନ ଦାଶ,ହରେକୃଷ୍ଣ ତ୍ରିପାଠୀ, ହାଡୁବନ୍ଧୁ ପ୍ରଧାନ, ଆଲୋକ କୁମାର ବେହେରା, ମୁରଲୀ ଧର ପାଣିଗ୍ରାହୀ, ସୌମ୍ୟ ରଞ୍ଜନ ଶୁକ୍ଳ, ଜୟକୃଷ୍ଣ ବେହେରା, ତାରାକାନ୍ତ ପଣ୍ଡା, ଅମୂଲ୍ୟ କୁମାର ନାୟକ ଓ ଶିବ ସ୍ୱାଇଁଙ୍କ ସମେତ କେନ୍ଦୁପଲ୍ଲୀ, କଣ୍ଟାବାଡ, ମୁକୁନ୍ଦପୁର, କାଚେରା ଓ ତଣ୍ଡାଳ ଆଦି ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

# ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ,୧।୬ (ସମିସ): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମ ସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରି ଦିନ ଧରି ଚାଲିଥିବା ଚତୁର୍ଥ ବାର୍ଷିକ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ରବିବାର ଦିନ ବିଳମ୍ବିତ ରାତ୍ରରେ ଉଦ୍‌ଯାପିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ବିଜୟ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି, ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା, ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ, ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି ମୁଖ୍ୟବକ୍ତା, ସମାଜପ୍ରେମୀ ବ୍ରଜ ସୁବୁଦ୍ଧି, ଫିରୋଜ ଅଲ୍ଲୀ ଖାଁ, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଉପସଭାପତି ଗଣେଶ୍ୱର ମହାରଣା,ସମ୍ପାଦକ ଦିବ୍ୟ ଲୋଚନ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଜୟକୃଷ୍ଣ ପାଇକରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ସୁପ୍ତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାରେ ସକ୍ଷମ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଓଡ଼ିଶା କଳା ସଂସ୍କୃତି ବିଭାଗ ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

## ସରକାରୀ ନିର୍ଦ୍ଦେଶକୁ ଠିକାଦାରଙ୍କ ଅଣଦେଖା

# ମୁଣ୍ଡଫଟା ଖରା ଓ ଗୁଳୁଗୁଳିରେ କାମ କରୁଛନ୍ତି ଶ୍ରମିକ; ପ୍ରଶାସନ ନିରବ

ଖୋର୍ଦ୍ଧା,୧।୬(ସମିସ): ଖୋର୍ଦ୍ଧାରେ କିଛିଦିନ ହେବ ଜାରୀ ରହିଛି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ଖରା ତ ନୁହେଁ ଆକାଶରୁ ନିଆଁ ବର୍ଷୁଛି। ଦିନ ୧୦ଟା ପରେ ରାସ୍ତାଘାଟ ଖାଁ ଖାଁ। ଶୀତତାପ କୋଠରୀରୁ ବଡ଼ବଡ଼ ବାବୁ ବାହାରିବାକୁ ଉଚିତ୍ ମନେ କରୁନାହାଁନ୍ତି। ଖୋର୍ଦ୍ଧା ସମେତ ଭୁବନେଶ୍ୱର ସହର ଉତ୍ତପ୍ତ ସହରରେ ପରିଣତ ହେବାରେ ଲାଗିଛି। ଦିନ ୧୧ଟା ପରେ ସୂର୍ଯ୍ୟଙ୍କର ପ୍ରଚଣ୍ଡ ପ୍ରକୋପ ଏବଂ ଭୂପୃଷ୍ଠରୁ ବାୟୁ ମଣ୍ଡଳ ଉତପ୍ତ ବାଷ୍ପ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ କରିବାରେ ଲାଗିଛି। ସବୁଜ ବଳୟ ସ୍ଥାନରେ ଏବେ' ସହର କଂକ୍ରିଟ୍ ଜଙ୍ଗଲରେ ପରିଣତ ହୋଇଛି। ରୌଦ୍ରତାପ ପ୍ରଭାବରେ ଦିନ ତମାମ୍ ସାଧାରଣ ଲୋକଙ୍କ ଶରୀରରୁ ଗମ୍‌ଗମ୍ ଝାଳ ବାହାରିବା ଦେଖାଯାଉଛି। ତେଣୁ ସାମ୍ଭବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ପ୍ରଚଣ୍ଡ ଖରାକୁ ଆଖିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ଯାଏଁ ଟାଣ ଖରାରେ କାମ ନକରିବାକୁ ରାଜ୍ୟ ସରକାର



ରୋକ୍ ଲଗାଇଛନ୍ତି। ମାତ୍ର ଏ ନିର୍ଦ୍ଦେଶ ଜିଲ୍ଲାରେ ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି। ସରକାରଙ୍କ ଏ ନିର୍ଦ୍ଦେଶକୁ ଠିକାଦାରମାନେ ବାଏଁ ବାଏଁ ଉଡାଇ ଦେଉଛନ୍ତି। ଦିନ ୧୧.୪୫ମି. ବେଳ ର ଟାଣ ଖରାରେ ଶ୍ରମିକ ମାନେ କାମ କରୁଥିବା ଦେଖାଯାଇଛି। ସରକାରୀ କାର୍ଯ୍ୟାଳୟରେ ଟାଣଖରାରେ କାମ ହେଉଥିଲେ ମଧ ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ ଉଠିଛି।

ପ୍ରକାଶ ଥାଉକି, ଖୋର୍ଦ୍ଧା ତହସିଲ୍ କାର୍ଯ୍ୟାଳୟ ପରିସରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ ଶୌଚାଳୟ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସୋମବାର ମୁଣ୍ଡଫଟା ଖରା ଓ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଏଠାରେ ଦିନ ୧୧.୪୫ମି. ସମୟରେ ମଧ ଶ୍ରମିକ କଠିନ କାମ କରୁଥିବା ଦେଖିବାକୁ ମିଳିଛି। ଖରା ଓ ଗୁଳୁଗୁଳି ସତ୍ତ୍ୱେ ଶ୍ରମିକ ମାନେ ପିଲର ଲାଗି ନିଅଁ ଖୋଳିବା କାମ କରୁଥିଲେ। ପେଟ ଚାଖଣ୍ଡେ ପାଇଁ ଶ୍ରମିକ ଗମ୍‌ଗମ୍ ଝାଳ ବାହାରଥିବା ସତ୍ତ୍ୱେ କାମ ଲାଗିଥିବା ବେଳେ ଶ୍ରମ ବିଭାଗ ବଡ଼ବଡ଼ ବାବୁମାନେ ଶୀତତାପ କୋଠରୀରେ ଆରାମରେ ଦିନ କାଟୁଥିବା ଜଣାଯାଇଛି। ଶ୍ରମିକ ଜୀବନ ଏହି ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ଆଗରେ ତୁଚ୍ଛ ହୋଇପଡିଥିବାବେଳେ ଏଭଳି ସମ୍ବେଦନଶୀଳ ଘଟଣା ତହସିଲ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କୁ ବ୍ୟଥିତ କରିଛି। ଆଶ୍ଚର୍ଯ୍ୟର କଥା ଠିକାସଂସ୍ଥା ଲକ୍ଷ ଲକ୍ଷ ଟଙ୍କା ନେଇ ଫାଇଦା ଉଠାଉଥିବାବେଳେ ଟାଣଖରାରେ କାମ ସମୟରେ ଶ୍ରମିକ କାମ କରୁଥିବା ସ୍ଥାନରେ ଛାଇ ନିମନ୍ତେ କିଛି ବ୍ୟବସ୍ଥା ମଧ୍ୟ ଠିକାସଂସ୍ଥା ଗ୍ରହଣ କରୁନଥିବା ଶ୍ରମିକ ଅଭିଯୋଗ ଆଣିଛନ୍ତି, କେବଳ ଗଛ ଛାଇ ଯାହା ଭରସା ବୋଲି କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ପ୍ରକାଶ ଥାଉକି, ଚଳିତ ବର୍ଷ ୨ଜଣଙ୍କର ଅଂଶୁଘାତ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

# ଚିଲିକା ମତ୍ସ୍ୟଜୀବୀଙ୍କ ସହିଦ ଦିବସରେ ସଚେତନତା ସଭା

ବାଲୁଗାଁ,୧।୬(ସମିସ) :

ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ତିନି ଜିଲ୍ଲାରେ ପ୍ରବାହିତ ଚିଲିକା ହ୍ରଦର ଉପକୂଳବର୍ତ୍ତୀ ୧୪୭ ଖଣ୍ଡ ଗ୍ରାମର ତିନି ଲକ୍ଷରୁ ଉର୍ଦ୍ଧ ପାରମ୍ପରିକ ମତ୍ସ୍ୟଜୀବୀ କେଉଁ ଆବାହନ କାଳରୁ ଚିଲିକା ହ୍ରଦର ୪୭ହଜାର ଏକର ମତ୍ସ୍ୟ ସୈରାତରୁ ଅର୍ଥ ଉପାର୍ଜନ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି, ଯାହା ସେମାନଙ୍କର ମୌଳିକ ଅଧିକାର ହୋଇ ଥିବା ବେଳେ ୨୦୦୦ ମସିହା ଠାରୁ ମତ୍ସ୍ୟଜୀବୀମାନେ ଅବହେଳିତ, ଉପେକ୍ଷିତ ଓ ନିଷ୍ପେସିତ ହେଉଥିବା ଅଭିଯୋଗ କରିଛନ୍ତି।୧୯୯୯ ମସିହା ମେ ମାସ ୨୯ତାରିଖର କରାଳ ରାତି ଏବେ ବି ଅଭୁଲା ହୋଇ ରହିଛି। ଚିଲିକା ସୁରକ୍ଷା ଓ ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ହଜାର ହଜାର ମତ୍ସ୍ୟଜୀବୀଙ୍କ ମଧ୍ୟରୁ ପ୍ରମିଳା ବେହେରା, ବାଞ୍ଛାନିଧି ବେହେରା, ଲିଙ୍ଗରାଜ ବେହେରା, ସୁଦର୍ଶନ ବେହେରା ଓ ଦିଗମ୍ବର ବେହେରା ପ୍ରମୁଖ ମହିଳାଙ୍କ ସମେତ ୫ଜଣ ମତ୍ସ୍ୟଜୀବୀ ସୋରଣ ଘୋଡ଼ାଦୌଡ଼ ଚିଲିକା ପେଣ୍ଠରେ ସହୀଦ ହୋଇଥିଲେ। ଭୂମିହୀନ ପାରମ୍ପରିକ ମତ୍ସ୍ୟଜୀବୀ ଆଉ କେତେ କଷଣ ଓ ଅତ୍ୟାଚାର ସହିବ ଏବଂ ଦଲାଲ, ରାଜନେତା ଆଡୁଆଳରେ ମତ୍ସ୍ୟ ସୈରାତ ଜବର ଦଖଲ ଉଚ୍ଛେଦ କେବେ ହେବ ଆଦିକୁ ନେଇ ମତ୍ସ୍ୟଜୀବୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବାଧ ହୋଇ ପୁଣି ଥରେ ସେହି ୧୯୯୯ ମସିହାର ଲଢେଇ ର ପନ୍ଥାକୁ ଆପଣେଇବା ପାଇଁ ମତ୍ସ୍ୟଜୀବୀ ମାନେ ଏକତ୍ରୀତ ହୋଇ ବିଭିନ୍ନ ସ୍ଥାନରେ ସଚେତନ ସଭା ମାନ ଆୟୋଜନ କରି ସ୍ଥିର କରିଛନ୍ତି। ପ୍ରଶାସନ ପକ୍ଷରୁ କେବଳ ଧର୍ମକୁ ଆଖିଠାର କାମ ଚାଲିଥିବା ବେଳେ ଏ ନେଇ ମତ୍ସ୍ୟଜୀବୀ ମାନେ ରାଜ୍ୟ ମତ୍ସ୍ୟ ବିଭାଗ ମନ୍ତ୍ରୀଙ୍କୁ ବହୁବାର ଆପତି କରି ଆସୁଥିଲେ ସୁଦ୍ଧା ଏଯାବତ କିଛି ଫଳପ୍ରଦ ହୋଇ ନାହିଁ। ଆଗରୁ ଥିବା ୧୯୮୮-୮୯ ଚିଲିକା ପଲିସି ମତ୍ସ୍ୟଜୀବୀଙ୍କ ପାଇଁ ସକାରାତ୍ମକ ଆଇନ ଥିଲା, କୌଣସି ବାଧାବିଘ୍ନ ନ ଥିଲା, ହେଲେ ୧୯୯୨ ପରେ ମତ୍ସ୍ୟଜୀବୀ ସମବାୟ ସମିତିରେ ଅନ୍ୟାନ୍ୟ ସମିତି ମିଶ୍ରଣ କରିବା ଫଳରେ ଚିଲିକା ପାଇଁ କୌଣସି ପ୍ରତିନିଧିତ୍ୱ ରହିଲା ନାହିଁ। ସେଥିପାଇଁ ଚିଲିକାରେ ମଶାରୀ ଜାଲ ଘେରିବନ୍ଧ ବଢିଲା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଦାୟିତ୍ୱ ସ୍ଥାଣୁ ହେବାରେ ଚିଲିକାର ଉନ୍ନତି ହେଲା ନାହିଁ। ଆଗରୁ ପାରମ୍ପରିକ ମତ୍ସ୍ୟଜୀବୀ ଉଚ୍ଚ ସମ୍ପର୍ଣ୍ଣ କମିଟିରେ ସଭ୍ୟ ରହୁଥିଲେ ହେଲେ କାଳକ୍ରମେ ଏହାକୁ ବାଦ କରିଦିଆଗଲା। ଫଳରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଲେ ମତ୍ସ୍ୟଜୀବୀ। ସେଥିପାଇଁ ୨୭ତମ ସହୀଦ ଦିବସ ଅବସରରେ ମତ୍ସ୍ୟଜୀବୀ ସଙ୍ଘ ତରଫରୁ ବିଭିନ୍ନ ସ୍ଥାନରେ ବୈଠକ ଆୟୋଜନ ହୋଇଥିଲା। ରାଜ୍ୟ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ସରକାର ଓ ପ୍ରଶାସନଙ୍କୁ ଏନେଇ ଏକ ଦାବିପତ୍ର ଦେଇ ଅତିଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ନିବେଦନ କରିବା ସହ ମୋହନ ସରକାର ତିନି ଲକ୍ଷରୁ ଉର୍ଦ୍ଧ୍ୱ ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା ରଖିଛନ୍ତି। ଆୟୋଜିତ ସଚେତନ ବୈଠକରେ ସେନାପତି ବେହେରା, ବିଜୟ ବେହେରା, ରଘୁନାଥ ବେହେରା, ଦୁଃଖିଶ୍ୟାମ ବେହେରା, ନାରାୟଣ ବେହେରା, ଗୋବିନ୍ଦ ବେହେରା ପ୍ରମୁଖ ଚିଲିକାର ଅନ୍ୟାନ୍ୟ ନେତୃତ୍ୱ ମଣ୍ଡଳୀ ଉପସ୍ଥିତ ଥିଲେ।

